ଧରିତ୍ରୀ
DHARITRI
November 4-10, 2018 ₹ 2/-

# ଛୁଟିଦିନ





# ତନ୍ତ୍ର

## ବିଶ୍ୱାସ ଅବିଶ୍ୱାସ ଅନ୍ଧବିଶ୍ୱାସ

୩
ପ୍ରଚ୍ଛଦ ପ୍ରସଙ୍ଗ

କୌଣସି ଦୈବୀଶକ୍ତିଙ୍କ କୃପାଲାଭ ପାଇଁ ପବିତ୍ର ଶକ୍ତିଶାଳୀ ତନ୍ତ୍ର-ମନ୍ତ୍ର-ଯନ୍ତ୍ରର ଉପଚାରରେ ବିଭିନ୍ନ ମତାବଲମ୍ବୀମାନେ ପୂଜା କରିଥା'ନ୍ତି। ଏଭଳି ପରମ୍ପରାରେ ବିଶ୍ୱାସ-ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ପରି ବହୁ ରହସ୍ୟ-ରୋମାଞ୍ଚକର କାହାଣୀ ରହିଛି। କେତେକ କ୍ଷେତ୍ରରେ ଏହା ବିଜ୍ଞାନସମ୍ମତ...



୧୩
ସହରଠୁ ଦୂର

ସିନେମା
୮/୯



# ରଙ୍ଗୋଲିରେ ସଜାନ୍ତୁ ଘର



✲ **ଫୁଲ ରଙ୍ଗୋଲି:** ବିଭିନ୍ନ ରଙ୍ଗର ଫୁଲ ବା ଫୁଲର ପାଖୁଡ଼ାକୁ ବ୍ୟବହାର କରି ଆପଣ ଏହି ରଙ୍ଗୋଲି ପ୍ରସ୍ତୁତ କରିପାରିବେ।

✲ **ପତ୍ର ରଙ୍ଗୋଲି:** ବିଭିନ୍ନ ଗଛର ପତ୍ରର ରଙ୍ଗ ଏବଂ ଆକାର ଭିନ୍ନ ଭିନ୍ନ ରହିଥାଏ। ଏହିସବୁ ପତ୍ରକୁ ବ୍ୟବହାରକରି ମଧ୍ୟ ଆପଣ ରଙ୍ଗୋଲି ପ୍ରସ୍ତୁତ କରିପାରିବେ।

✲ **ସୁଜି ଏବଂ ଚାଉଳରେ ରଙ୍ଗୋଲି:** ସୁଜି ଏବଂ ଚାଉଳକୁ ବିଭିନ୍ନ ରଙ୍ଗ କରି ଆପଣ ସୁନ୍ଦର ରଙ୍ଗୋଲି ପ୍ରସ୍ତୁତ କରିପାରିବେ।

✲ **ପରିବା ରଙ୍ଗୋଲି:** ବିଭିନ୍ନ ରଙ୍ଗର ପରିବାକୁ ସଜାଡ଼ି ମଧ୍ୟ ରଙ୍ଗୋଲି ପ୍ରସ୍ତୁତ କରିପାରିବେ।

✲ **ଡାଲି ଏବଂ ଶସ୍ୟରେ ରଙ୍ଗୋଲି:** ଚକ୍‌ରେ ଏକ ଖୋଟି ଆଙ୍କି ଏହା ଭିତରେ ବିଭିନ୍ନ କିସମର ଡାଲି, ଗହମ, ମୁଗ ଆଦିକୁ ଭରି ଆପଣ ରଙ୍ଗୋଲି ପ୍ରସ୍ତୁତ କରିପାରିବେ।

✲ **ପେପର ରଙ୍ଗୋଲି:** ବିଭିନ୍ନ ରଙ୍ଗିନ ପେପରକୁ କାଟି ମଧ୍ୟ ଆପଣ ରଙ୍ଗୋଲି ଆକାର ଦେଇପାରିବେ।

✲ **ଫ୍ଲୋଟିଂ ରଙ୍ଗୋଲି:** ଗୋଟିଏ କାଚ ବା ପିତ୍ତଳ ପାତ୍ରରେ ପାଣି ଭର୍ତ୍ତିକରି ଉପରେ ବିଭିନ୍ନ ଫୁଲ, ପତ୍ର ଏବଂ ଫ୍ଲୋଟିଂ କ୍ୟାଣ୍ଡେଲ ରଖି ମଧ୍ୟ ରଙ୍ଗୋଲି ପ୍ରସ୍ତୁତ କରିପାରିବେ।

✲ **ଘରକରଣା ଜିନିଷରେ ରଙ୍ଗୋଲି:** ବିଭିନ୍ନ ଘରକରଣା ଜିନିଷ ଯେପରି ଗିନା, ଚାମଚ, ଗ୍ଲାସ୍ ଆଦିକୁ ସୁନ୍ଦର ଭାବେ ସଜାଡ଼ି ମଧ୍ୟ ରଙ୍ଗୋଲି ପ୍ରସ୍ତୁତ କରିପାରିବେ।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୪-୧୦, ୨୦୧୮

**ମେଷ:** କାର୍ଯ୍ୟ ସମ୍ପନ୍ନ, ବନ୍ଧୁଙ୍କ ସହାନୁଭୂତି, ଯାତ୍ରାରେ ସଫଳତା, କଳା ସାହିତ୍ୟରେ ପ୍ରଶଂସା, ସମସ୍ୟା ସମାଧାନ। ନିର୍ମାଣରେ ବାଧା, ଉଚିତ ବୁଝାମଣା, ପ୍ରଶାସନିକ ଦ୍ୱନ୍ଦ୍ୱ, ଯାନବାହନରେ ଝଗଡ଼ା, ଆନୁଷ୍ଠାନିକ ତତ୍ପରତା, ଅର୍ଥ ସଙ୍କଟ।

**ବୃଷ:** ସ୍ୱାସ୍ଥ୍ୟ ଭଲ ରହିବ, ଅର୍ଥ ସମ୍ପଦ ପ୍ରାପ୍ତି, ପରୋକ୍ଷ ଶତ୍ରୁତା, ମାନସିକ ଶାନ୍ତି ବ୍ୟାହତ, ଲୋକ ସମ୍ପର୍କ ବୃଦ୍ଧି, ବନ୍ଧୁମିଳନ। ବନ୍ଧୁଙ୍କ ଆପଣାର କରିବେ। ମନୋରଞ୍ଜନ କାର୍ଯ୍ୟରେ ରୁଚି, ଦୂରଯାତ୍ରା କରିବାକୁ ପଡ଼ିପାରେ।

**ମିଥୁନ:** ଯାତ୍ରାରେ ସଫଳତା, ସହକର୍ମୀଙ୍କ ମିଥ୍ୟାରୋପ, କଳହରୁ ମନସ୍ତାପ, ସୁଯୋଗ ହାତଛଡ଼ା ହେବ, ପାରିବାରିକ ସ୍ଥିତିରେ ଉନ୍ନତି, ତୀର୍ଥାଟନର ପ୍ରସ୍ତୁତି, ପଦମର୍ଯ୍ୟାଦା ବୃଦ୍ଧି, ଛୋଟଛୋଟ କଥାରୁ କଳହ।

**କର୍କଟ:** ନୂତନ କର୍ମାରମ୍ଭ, ମିଳାମିଶାରୁ ମିତ୍ରତା, ପାରିବାରିକ ସ୍ନେହ, ବନ୍ଧୁଙ୍କ ମିଥ୍ୟାଭିଯୋଗ, କର୍ମଧାରାରେ ନୂତନତ୍ୱ, ପାରିବାରିକ ସମର୍ଥନ। ଆର୍ଥିକ ଅନଟନ, ପରିସ୍ଥିତିକୁ ସମ୍ଭାଳି ନେବେ।

**ସିଂହ:** ଆର୍ଥିକ ଉନ୍ନତି, ସହକର୍ମୀଙ୍କ ବଦାନ୍ୟତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟ, ଘର ସାଜସଜ୍ଜା, ବିଳାସପ୍ରିୟ ହେବେ, ଆନନ୍ଦଦାୟକ ଭ୍ରମଣ, ପ୍ରିୟବନ୍ଧୁଙ୍କ ସାନିଧ୍ୟ। ଯାନ୍ତ୍ରିକ ଜିନିଷ କ୍ରୟ, ଋଣ ପରିଶୋଧର ଚିନ୍ତା।

**କନ୍ୟା:** ଆଶା ପୂରଣ ହେବ, ନୂଆ କାମ କରିବେ, ବନ୍ଧୁମିଳନ, ଆତ୍ମୀୟଙ୍କ ଅନୁରକ୍ତି, ବାଣିଜ୍ୟରେ କ୍ଷତି, ପରିବାରରୁ ପ୍ରତିରୋଧ, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ପରିସ୍ଥିତି ବଦଳିବ, ଦୂରସ୍ଥାନକୁ ଯାତ୍ରା, ଖର୍ଚ୍ଚାନ୍ତରୁ ମନସ୍ତାପ।

**ତୁଳା:** ଉତ୍ସାହିତ ରହିବେ, ଶୁଭ ଖବର ପ୍ରାପ୍ତି, ବନ୍ଧୁଙ୍କ ପ୍ରେରଣା, ଦୁଃସାଧ୍ୟ କାର୍ଯ୍ୟ ସାଧନ। ଗୁରୁଜନଙ୍କ ପରାମର୍ଶ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପାରିବାରିକ ତିକ୍ତତା, ଭୂସମ୍ପତ୍ତି ବିବାଦ,ଅର୍ଥ ସଙ୍କଟ, ଧର୍ମକାର୍ଯ୍ୟରେ ବ୍ୟସ୍ତତା।

**ବିଛା:** ଅର୍ଥ ସମ୍ମାନ ପ୍ରାପ୍ତି, ଉଦ୍ୟମ ସଫଳ, କ୍ଲାନ୍ତିବୋଧ, ଦେବାର୍ଚ୍ଚନା, ସହନଶୀଳତା, ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦାନ, ଦୂରଯାତ୍ରାର ସୁଯୋଗ। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି, କାର୍ଯ୍ୟ ହାସଲ ପାଇଁ ଚେଷ୍ଟା, ମାନସିକ ଦ୍ୱନ୍ଦ୍ୱ।


**ଧନୁ:** ସ୍ୱାସ୍ଥ୍ୟହାନି, ସଂଯମତାର ଅଭାବ, ବିବାଦଗ୍ରସ୍ତ ହେବେ, ରାଜକୀୟ ସମ୍ମାନ। ଟେନ୍‌ସନ କମିଯିବ, ମୂଲ୍ୟବାନ୍ ଦ୍ରବ୍ୟ ପାଇବେ, ପାରିବାରିକ ଭୁଲ୍ ବୁଝାମଣା, ସହକର୍ମୀଙ୍କ ସାହାଯ୍ୟ , ବାଣିଜ୍ୟ ମାନ୍ଦା ହେବ ନାହିଁ।

**ମକର:** କାର୍ଯ୍ୟସିଦ୍ଧି, ବନ୍ଧୁମିଳନ, ପରିସ୍ଥିତିକୁ ସଜାଡ଼ିବେ, ଉଚ୍ଚବର୍ଗଙ୍କ ସହଯୋଗ, ବ୍ୟବସାୟରେ ଲାଭ। ରିସ୍କ ପଦକ୍ଷେପ ନେବେ, ବିବାଦର ଫଇସଲା, ଆତ୍ମୀୟଙ୍କ ପ୍ରତାରଣା, କଳାପ୍ରିୟ ହେବେ।

**କୁମ୍ଭ:** ସହକର୍ମୀଙ୍କ ପ୍ରତିବାଦ, ଭ୍ରାତୃ ବିବାଦ, ଯାନବାହନ କ୍ରୟ, ଶିକ୍ଷାରେ ଉନ୍ନତି, ଶତ୍ରୁତାର ସମାଧାନ, ଧାରକରଜ କରିବେ, ପରିସ୍ଥିତିରେ ପରିବର୍ତ୍ତନ, ଖର୍ଚ୍ଚାନ୍ତ ହେବେ, ପାରିଶ୍ରମିକ ପାଇବେନି, ସମାଲୋଚିତ ହେବେ।

**ମୀନ:** କର୍ମକ୍ଷେତ୍ରରେ ସୁନାମ, ଫାଇଲ୍ କାମ ବୃଦ୍ଧି, ସାମ୍ବାଦିକତାରୁ ସମ୍ମାନ, ଘରକଥା ବୁଝିପାରିବେନି, କାମ ଅସମ୍ପୂର୍ଣ୍ଣ ରହିବ, ବନ୍ଧୁଙ୍କ ଅପପ୍ରଚାର, ନୂତନ ସମ୍ପର୍କ ସୃଷ୍ଟି, ବ୍ୟବସାୟରେ ପ୍ରତିବନ୍ଧକ, ବନ୍ଧୁଙ୍କ ପ୍ରେରଣା, ଧର୍ମକାର୍ଯ୍ୟରେ ଉତ୍ସାହ।

# ଦୀପାବଳି: ବାସ୍ତୁ ଅନୁସାରେ ସଜାନ୍ତୁ ଘର



ଦୀପାବଳିରେ ଘରର ସାଜସଜ୍ଜା ଉପରେ ବିଶେଷ ଧ୍ୟାନ ଦିଆଯାଏ। ଏହା ଦ୍ୱାରା ମା'ଲକ୍ଷ୍ମୀଙ୍କ କୃପାଦୃଷ୍ଟି ବଜାୟ ରହିଥାଏ ବୋଲି ବିଶ୍ୱାସ ରହିଛି। ତେବେ ଦୀପାବଳିରେ ବାସ୍ତୁ ଅନୁଯାୟୀ କିଭଳି ଘର ସଜାଇଲେ ଶୁଭଫଳ ପ୍ରାପ୍ତି ହୋଇଥାଏ ସେ ସମ୍ପର୍କରେ....

✲ ଏହିଦିନ ଘରର ମୁଖ୍ୟ ଦ୍ୱାର ଏବଂ ସମସ୍ତ କବାଟ ଝରକା ଖୋଲା ରଖନ୍ତୁ। ଏହାଦ୍ୱାରା ସକାରାତ୍ମକ ଉର୍ଜା ଘର ମଧ୍ୟରେ ପ୍ରବେଶ କରିଥାନ୍ତି।

✲ ମୁଖ୍ୟ ଦ୍ୱାର ଆଗରେ ଫୁଲରେ କିମ୍ବା ରଙ୍ଗିନ ମୁରୁଜରେ ରଙ୍ଗୋଲି ପ୍ରସ୍ତୁତ କରନ୍ତୁ।

✲ ଘରର ମୁଖ୍ୟ ଦ୍ୱାରର ଉତ୍ତର ଦିଗରେ ନାଲି ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରି ତା ପାର୍ଶ୍ୱରେ ଶୁଭଲାଭ ଲେଖନ୍ତୁ।

✲ ଗୃହର ପୂର୍ବ ଦିଗ ସମୃଦ୍ଧିର ସୂଚକ ହୋଇଥିବା ବେଳେ ଉତ୍ତର ଦିଗ ଧନର ପ୍ରତୀକ। ତେଣୁ ଏହି ଦୁଇ ଦିଗରେ ଫୁଲରେ କିମ୍ବା ରଙ୍ଗିନ ମୁରୁଜରେ ରଙ୍ଗୋଲି ପ୍ରସ୍ତୁତ କରନ୍ତୁ।

✲ ଗୃହର ଦକ୍ଷିଣ ଦିଗରେ ଆୟତାକାର ରଙ୍ଗୋଲି କରନ୍ତୁ। କିନ୍ତୁ ଧ୍ୟାନ ରଖନ୍ତୁ ଏଥିରେ ନୀଳରଙ୍ଗ ବ୍ୟତୀତ ଅନ୍ୟ ଯେକୌଣସି ରଙ୍ଗ ବ୍ୟବହାର କରିପାରିବେ। ଏହା ଦ୍ୱାରା ଆପଣଙ୍କ ମାନ ସମ୍ମାନ ବୃଦ୍ଧିହେବା ସହ ସୁଖ, ଶାନ୍ତି ମଧ୍ୟ ବଜାୟ ରହିଥାଏ।



# ପାଠକୀୟ

❖ମାତୃଶକ୍ତି ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳଉତ୍ସ। ମା'ଙ୍କୁ ନେଇ ଅନେକ ରହସ୍ୟ ରୋମାଞ୍ଚକର କାହାଣୀର ଅନ୍ତନାହିଁ। ସେଥିପାଇଁ ତ ଓଡ଼ିଶାରେ ରହିଛି ଅନେକ ଦେବୀପୀଠ। ତେବେ ଉପକୂଳ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଥିବା କେତେକ ଦେବୀପୀଠକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଉପକୂଳ ଦେବୀପୀଠ'ରୁ ମୋତେ ଅନେକ ନୂଆ କଥା ଜାଣିବାକୁ ମିଳିଲା। 'ରାଶି ଅନୁଯାୟୀ ବୃତ୍ତି' ଏବଂ 'ଫାଇଭ୍‌ଷ୍ଟାର ଜେଲ' ଆଦି ପାଠ ବି ବେଶ୍ ଖାସ୍ ଥିଲା।

**–ରାଜଶ୍ରୀ ପଟ୍ଟନାୟକ, ଝାରସୁଗୁଡ଼ା**

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଉପକୂଳ ଦେବୀପୀଠ'ଟି ମୋତେ ବହୁତ ପସନ୍ଦ ଆସିଲା। ଏଥିରେ ସ୍ଥାନ ପାଇଥିବା ବିଭିନ୍ନ ଦେବୀପୀଠ ସମ୍ପର୍କରେ ପଢ଼ି ଅନେକ ନୂଆ କଥା ଜାଣିଲି। ସୃଜନ ପୃଷ୍ଠାରେ ସ୍ଥାନିତ 'ରାଧାର ଧାରା' ନାମକ ଗପ ତଥା 'ତାଜମହଲ', 'ପାଉନାହିଁ ତତେ ଖୋଜି' ଇତ୍ୟାଦି କବିତା ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ଦାମୀ ଚକୋଲେଟ୍ ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ହୋଇଥିଲା।

**–ଆଭା ମହାନ୍ତି, ସାଲେପୁର, କଟକ**

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ମୌଳିକ ଲେଖକ ସାଇରସ୍ ମିସ୍ତ୍ରିଙ୍କ ଜୀବନୀ ସମ୍ପର୍କରେ ପଢ଼ିଲି, ଏହା ମୋତେ ଖୁବ୍ ଆକର୍ଷିତ କରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'କଙ୍ଗନା–ସୋନମ ତୁ ତୁ ମେଁ ମେଁ', 'ଯଦି ଅକ୍ଷୟ ରାଜି ହୋଇଥାନ୍ତେ' ଏବଂ 'ବବି–ନୀଲମଙ୍କ ପ୍ରେମକାହାଣୀ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇପାରିଥିଲା। କବି ତଥା ଡାକ୍ତର ମନୋରଞ୍ଜନ ଦାଶଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ମନଛୁଆଁ ହୋଇପାରିଥିଲା।

**–ଆଦିତ୍ୟ ସେଠୀ, ଲିଙ୍ଗରାଜ ବିହାର, ଭୁବନେଶ୍ୱର**

❖'କାଠି ଠାକୁରାଣୀ' ପାଠଟି ବି ଏକ ନିଆରା ବିଷୟ ଥିଲା। ମଡେଲ ମିରର୍‌ରେ ଶାଏଲୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ଏବଂ ଯାତ୍ରା ପୃଷ୍ଠାଟି ମଧ୍ୟ ମନଲାଖି ହୋଇପାରୁଛି। 'ଗଛ ଗୋଟିଏ ଫଳ ୪୦ ପ୍ରକାର' ପାଠଟି ସତରେ ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା।

**–ମାତା ମାହେଶ୍ୱରୀ, ଖୋର୍ଦ୍ଧା**

❖ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଅଜବ ଅଟୋ' ଏବଂ 'ପ୍ରାଣୀ ପରି ଚାଲନ୍ତି ୫ ଭାଇଭଉଣୀ' ଆଦି ପାଠ ଯେତିକି ଆଶ୍ଚର୍ଯ୍ୟକର ଥିଲା, ସେତିକି ଆକର୍ଷଣୀୟ ବି ଥିଲା। ହାଃ ହାଃ ଓ କାର୍ଟୁନ କର୍ନର ମଧ୍ୟ ଖୁବ୍ ମଜାଦାର ଥିଲା।

**–ଚିତ୍ତରଞ୍ଜନ ବିଶ୍ୱାଳ, ରାଜକନିକା, କେନ୍ଦ୍ରାପଡ଼ା**

## ବିଶେଷ ଚିଠି



ଧରିତ୍ରୀର ଛୁଟିଦିନ ବଢ଼ିଆ
ସବୁ ଲେଖା ତା'ର ଲାଗଇ ନୂଆ।
ପ୍ରଚ୍ଛଦ ପ୍ରସଙ୍ଗ ଉପକୂଳ ଦେବୀପୀଠ ପଢ଼ିଲି
ବିଭିନ୍ନ ସ୍ଥାନର ଦେବୀଙ୍କ ବିଷୟରେ ଜାଣିଲି।
ସୃଜନ ପୃଷ୍ଠାର ଗପ, କବିତା ପ୍ରିୟ ସବୁରି
ମଞ୍ଚମାୟାରୁ ଜାଣିଲି ସୁଶାନ୍ତ–କାବେରୀ ଲଭ୍‌ଷ୍ଟୋରି।
ସୁନ୍ଦର ହୋଇଛି ମଡେଲ ମିରର୍
ଛୁଟିଦିନକୁ ସାହା ହୁଅନ୍ତୁ ବଡ଼ଠାକୁର।

**–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ତନ୍ତ୍ର

## ବିଶ୍ୱାସ ଅବିଶ୍ୱାସ ଅନ୍ଧବିଶ୍ୱାସ

କୌଣସି ଦୈବୀଶକ୍ତିଙ୍କ କୃପାଲାଭ ପାଇଁ ପବିତ୍ର ଶକ୍ତିଶାଳୀ ତନ୍ତ୍ର-ମନ୍ତ୍ର-ଯନ୍ତ୍ରର ଉପଚାରରେ ବିଭିନ୍ନ ମତାବଲମ୍ବୀମାନେ ପୂଜା କରିଥା'ନ୍ତି। ଏଭଳି ପରମ୍ପରାରେ ବିଶ୍ୱାସ-ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ପରି ବହୁ ରହସ୍ୟ-ରୋମାଞ୍ଚକର କାହାଣୀ ରହିଛି। କେତେକ କ୍ଷେତ୍ରରେ ଏହା ବିଜ୍ଞାନସମ୍ମତ। ଧର୍ମ, ଅର୍ଥ, କାମ, ମୋକ୍ଷ, ଭୌତିକ ଭୋଗ ଭଳି କୌଣସି କଥାକୁ ତନ୍ତ୍ରରେ ଉପେକ୍ଷା କରାଯାଇନାହିଁ। ଏହାର ପରିସର ବ୍ୟାପକ। କୁହାଯାଏ ଏମିତି ପୀଠ ରହିଛି, ଯେଉଁଠାରେ ମୃତକ ବି କୁଆଡେ ଜୀବନଲାଭ କରନ୍ତି। ବ୍ରହ୍ମଚାରୀ ବା ସାଧୁମାନେ ସିଦ୍ଧିଲାଭ କରି ଯୁଗଯୁଗ ଧରି ଭକ୍ତମାନଙ୍କୁ ପଥ ନିର୍ଦ୍ଦେଶ କରୁଛନ୍ତି। ପ୍ରାଗ୍ଐତିହାସିକ ଯୁଗରୁ ଏପର୍ଯ୍ୟନ୍ତ ବିଜ୍ଞାନ ସବୁ ରହସ୍ୟକୁ ଉଦ୍‌ଘାଟନ କରିବା ସମ୍ଭବ ହୋଇପାରିନାହିଁ। ତେବେ ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

**ବିଜ୍ଞାନସମ୍ମତ: ତନ୍ତ୍ର ବିଜ୍ଞାନ-** ଭାରତୀୟ ପ୍ରାଚୀନଶାସ୍ତ୍ର ଦୁଇଟି ପର୍ଯ୍ୟାୟରେ ବିଭକ୍ତ- ଗୋଟିଏ ନିଗମ, ଅନ୍ୟଟି ଆଗମ। ଡ. ସଞ୍ଜୟ ମହାପାତ୍ର କୁହନ୍ତି-ନିଗମ ବେଦ ପାଇଁ ଏବଂ ଆଗମ ତନ୍ତ୍ର ପାଇଁ ଉଦ୍ଦିଷ୍ଟ। ତନ୍ତ୍ର ହେଉଛି ଶିବଙ୍କର ମୁଖନିଃସୃତ ବାଣୀ। ଯେପରି ବୈଦିକ ଧର୍ମର ଜ୍ଞାନସମୂହ ଉପନିଷଦରେ ବିସ୍ତୃତ, ସେହିପରି ବୈଦିକ ଧର୍ମର ସୂକ୍ଷ୍ମ ରହସ୍ୟଗୁଡ଼ିକ ତନ୍ତ୍ରରେ ବର୍ଣ୍ଣିତ। ବେଦ ସଦୃଶ ତନ୍ତ୍ର ମଧ୍ୟ ପ୍ରଣିଧାନଯୋଗ୍ୟ। ପ୍ରାଚୀନ କାଳରେ ଆଦିମ ଅଧିବାସୀ ତନ୍ତ୍ର ଅନୁସରଣ କରୁଥିଲେ। କାଳକ୍ରମେ ଏହା ବ୍ରାହ୍ମଣ୍ୟ ଧର୍ମରେ ପ୍ରବେଶକଲା। ତନ୍ତ୍ର ଶବ୍ଦ ତନ୍ ଧାତୁରୁ ଉତ୍ପନ୍ନ। ଏହାର ଅର୍ଥ ସୂକ୍ଷ୍ମ ଦୈବୀସତ୍ତାର ବିସ୍ତାର। ଜଗତର କଲ୍ୟାଣ ପାଇଁ ଏହି ଈଶ୍ୱରୀୟ ସତ୍ତାର ବିକିରଣ କରାଯାଇଥାଏ। ଯାହା ତନ୍ତ୍ରର ମୂଳଲକ୍ଷ୍ୟ। ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ରଚିତ ହେବଜ୍ର ତନ୍ତ୍ରରେ ଉଡ୍ରାଖ୍ୟଂ ପ୍ରଥମଂପୀଠମ୍ ରୂପେ ବର୍ଣ୍ଣିତ ଅଛି। କାଳକ୍ରମେ ବୌଦ୍ଧମାନେ ତନ୍ତ୍ର ଉପାସନାକୁ ଆଦରି ନେଲେ। ଉତ୍କଳ ସମ୍ରାଟ୍ ଇନ୍ଦ୍ରଭୂତି ତଥା କ୍ଷେମାଥରା ବଜ୍ରଯାନୀୟ ତନ୍ତ୍ରୋକ୍ତ ଉପାସନାର ସଂପ୍ରସାରଣ ନିମନ୍ତେ ପ୍ରଚେଷ୍ଟା ଗ୍ରହଣ କରିଥିଲେ। ଏପରିକି ନେପାଳ ତିବ୍ବତ ପ୍ରଭୃତି ଦେଶମାନଙ୍କରେ ଏହାର ପ୍ରଚାର ପ୍ରସାର କରିଥିଲେ। ଅଦ୍ୟାବଧି ଜଗନ୍ନାଥଙ୍କର ପୂଜା ପଦ୍ଧତିରେ ମଧ୍ୟ ତନ୍ତ୍ରର ପ୍ରଭାବ ପରିଲକ୍ଷିତ ହୁଏ। **ତନ୍ତ୍ର ବିଜ୍ଞାନସମ୍ମତ,** କାରଣ ଭାରତୀୟ ପରମ୍ପରା ରୀତିନୀତି ବିଜ୍ଞାନ ଉପରେ ହିଁ ପର୍ଯ୍ୟବଶିତ। ତତ୍କାଳୀନ ପୁରୀ ଗୋବର୍ଦ୍ଧନପୀଠର ଶଙ୍କରାଚାର୍ଯ୍ୟ ଭାରତୀକୃଷ୍ଣ ତୀର୍ଥଙ୍କ ସ୍ୱରଚିତ ପୁସ୍ତକ ସନାତନ ଧର୍ମର ପ୍ରମାଣ ଦେଇଛନ୍ତି। କିନ୍ତୁ ତନ୍ତ୍ର ନାମରେ କେତେକ ଭଣ୍ଡ ନିଜର ଅଭୀଲିପ୍ସା ପୂରଣ ପାଇଁ କୁତ୍ସିତପ୍ରଥା ପ୍ରୟୋଗ କରିଥା'ନ୍ତି। ଏହା ତନ୍ତ୍ରସମ୍ମତ ନୁହେଁ। ଏହା ତାମର ଅନ୍ତର୍ଗତ। ତନ୍ତ୍ର ସାତ୍ତ୍ୱିକ ପ୍ରଥାରେ ବିଶ୍ୱାସ କରେ। ମାନବ କଲ୍ୟାଣ ନିମନ୍ତେ ତାନ୍ତ୍ରିକ ପ୍ରକ୍ରିୟାଗୁଡ଼ିକ ବ୍ୟବହୃତ। ଶିବଙ୍କ ସ୍ୱଭାବ ତନ୍ତ୍ର ସାଧକମାନଙ୍କର ସ୍ୱଭାବ ହେବା ଆବଶ୍ୟକ। **ତନ୍ତ୍ର ହେଉଛି** କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ଏବଂ ସମୟର ସଂଯୋଗୀକରଣ ବ୍ୟବସ୍ଥା। କୁହାଯାଇପାରେ **ମନ୍ତ୍ର ହେଉଛି** $H_2O$ ପ୍ରଣାଳୀ। କେବଳ $H_2O$, $H_2O$ ଉଚାରଣ କଲେ ଜଳ ସୃଷ୍ଟି ହୋଇପାରିବ ନାହିଁ। ଜଳସୃଷ୍ଟି ପାଇଁ ଯେଉଁଭଳି ନିର୍ଦ୍ଦିଷ୍ଟ ପରିମାଣର ହାଇଡ୍ରୋଜନ ଏବଂ ଅମ୍ଳଜାନର ଆବଶ୍ୟକତା ରହିଛି, ସେହିପରି କେତେକ ଆନୁଷଙ୍ଗିକ ପଦାର୍ଥ ଏକ ନିର୍ଦ୍ଦିଷ୍ଟ ସମୟରେ ଉପଯୋଗ କରି ଏଥିରେ ମନ୍ତ୍ର ଶୁଦ୍ଧୋଚ୍ଚାରଣ କଲେ ତନ୍ତ୍ର ସିଦ୍ଧ ହୁଏ। ତନ୍ତ୍ରରେ ଥିବା ସୂକ୍ଷ୍ମ ରହସ୍ୟକୁ ଉନ୍ମୋଚନ କରିବା ନିମନ୍ତେ ବିଜ୍ଞାନର ଅଧିକ ଗବେଷଣା ଆବଶ୍ୟକତା ରହିଛି।

**ଶ୍ରୀଜଗନ୍ନାଥ ସାକ୍ଷାତ୍ ଦକ୍ଷିଣକାଳିକା-** ତନ୍ତ୍ର ନାମ ଶୁଣିଲେ ଏବେବି ଏହାକୁ ଅନେକେ ଅନ୍ଧବିଶ୍ୱାସ କହିବା ବେଳେ କେତେକ ଭୟଭୀତ ହୋଇଥା'ନ୍ତି। ଡ. ଚନ୍ଦ୍ରଶେଖର ଦାଶ କୁହନ୍ତି, ପ୍ରକୃତରେ ତନ୍ତ୍ର ହିଁ ଏକ ଆଧାତ୍ମିକ ଶକ୍ତି। ବ୍ୟୁତ୍ପତ୍ତିଶାସ୍ତ୍ର ଅନୁସାରେ ତନ୍ତ୍ର ଶବ୍ଦ ତନ୍ ଧାତୁରୁ ଉତ୍ପନ୍ନ। ତନ୍‌ଧାତୁର ଅର୍ଥ ବିସ୍ତାର। ଶୈବ ସିଦ୍ଧାନ୍ତର ନାୟିକ ଆଗମରେ ଏହାର ଅର୍ଥ କରାଯାଇଛି। - ସେ ହିଁ ଏକମାତ୍ର ଶାସ୍ତ୍ର, ଯଦ୍ଦ୍ୱାରା ଜ୍ଞାନର ବିକାଶ କରାଯାଇଥାଏ। ତନ୍ୟତେ ବିସ୍ତାର୍ଯ୍ୟତେ ଜ୍ଞାନମନେନ ଇତି ତନ୍ତ୍ରମ୍। ତନ୍ତ୍ରର ନିରୁକ୍ତି -ତନ୍ (ବିସ୍ତାର) ଏବଂ ତ୍ରୈ(ରକ୍ଷାକରିବା)। ଯେଉଁ ବିସ୍ତାରିତ ଜ୍ଞାନ ଦ୍ୱାରା ରକ୍ଷା ହୋଇଥାଏ ତାହା ତନ୍ତ୍ର। ସେଥିପାଇଁ ଦେଖାଯାଏ ଯେ ପ୍ରାଚୀନ କାଳରେ ଯାଗ, ଯଜ୍ଞ, କ୍ରିୟା, ମତବାଦ ତଥା ବିଜ୍ଞାନ ପ୍ରଭୃତି ବିଷୟ ବୁଝାଇବା ପାଇଁ ତନ୍ତ୍ରଶବ୍ଦ ପ୍ରୟୋଗ କରାଯାଇଛି। ଏହି ଭାବରେ ନ୍ୟାୟତନ୍ତ୍ର, ଧର୍ମତନ୍ତ୍ର, ବ୍ରହ୍ମତନ୍ତ୍ର, ଯୋଗତନ୍ତ୍ର, ଆୟୁର୍ବେଦତନ୍ତ୍ର

**କୌଣସି ଦୈବୀଶକ୍ତିଙ୍କ କୃପାଲାଭ ପାଇଁ ପବିତ୍ର ଶକ୍ତିଶାଳୀ ତନ୍ତ୍ର-ମନ୍ତ୍ର-ଯନ୍ତ୍ରର ଉପଚାରରେ ବିଭିନ୍ନ ମତାବଲମ୍ବୀମାନେ ପୂଜା କରିଥା'ନ୍ତି। ଏଭଳି ପରମ୍ପରାରେ ବିଶ୍ୱାସ-ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ପରି ବହୁ ରହସ୍ୟ-ରୋମାଞ୍ଚକର କାହାଣୀ ରହିଛି। କେତେକ କ୍ଷେତ୍ରରେ ଏହା ବିଜ୍ଞାନସମ୍ମତ..**







ଏବଂ ଆଜି ଆଧୁନିକ ତନ୍ତ୍ର ଶବ୍ଦର ପ୍ରୟୋଗ- ଗଣତନ୍ତ୍ର, ସାଧାରଣତନ୍ତ୍ର ପ୍ରଭୃତିରେ ଦେଖାଯାଏ। ବାରାହୀତନ୍ତ୍ରରେ ଉଲ୍ଲେଖଥିବା ଅନେକ ଶ୍ଲୋକରେ ଏହି ତନ୍ତ୍ର ସମ୍ପର୍କରେ ଜଣାପଡ଼େ। ସଂକ୍ଷେପରେ କହିବାକୁ ଗଲେ ତନ୍ତ୍ରର ଚାରୋଟି ଅଂଶ- ୧: ଜ୍ଞାନ ଅଥାତ୍ ଦାର୍ଶନିକ ମତବାଦ, ୨: ଯୋଗ, କ୍ରିୟା-ମୂର୍ତ୍ତି ମନ୍ଦିର ପ୍ରଭୃତିର ଆଲୋଚନା, ଚର୍ଯ୍ୟା-ଆଚାର-ବ୍ୟବହାର, ଉତ୍ସବ, ବ୍ରତ ଇତ୍ୟାଦିର ଆଲୋଚନା। ଓଡ଼ିଶାରେ ତିନୋଟି ତନ୍ତ୍ରଧାରା ଦେଖାଯାଏ। ଆଦିବାସୀ ତନ୍ତ୍ର (ଶାବରୀ ତନ୍ତ୍ର), ବୌଦ୍ଧତନ୍ତ୍ର ଓ ହିନ୍ଦୁତନ୍ତ୍ର ଭାବରେ ତାହା ପରିଚିତ। ପୁରପଲ୍ଲୀରେ ଏବେ ମଧ୍ୟ ଲୁଣମନ୍ତ୍ର, ରକାଛଡ଼ା ମନ୍ତ୍ର, ଛୋଟପିଲାଙ୍କୁ ଦୃଷ୍ଟି ହୋଇଥିଲେ ଦୃଷ୍ଟିମନ୍ତ୍ର, କାଟପାଣି ମନ୍ତ୍ର ପ୍ରଭୃତି ଶାବରୀ ତନ୍ତ୍ରର ପ୍ରୟୋଗ ଦେଖିବାକୁ ମିଳେ। ବିଶେଷକରି ବାଣପୁର, ଗଞ୍ଜାମ, କୋରାପୁଟ, ନୟାଗଡ଼, ବଲାଙ୍ଗୀର ଓ ଫୁଲବାଣୀ ଆଦି ଅନେକ ସ୍ଥାନରେ ଶାବରୀ ତନ୍ତ୍ର ଏବେ ଦେଖିବାକୁ ମିଳିଥାଏ। ଶାବରୀ ତନ୍ତ୍ର ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଧାରାରେ ଦେଖାଯାଏ। ବୌଦ୍ଧଧର୍ମ ଯେତେବେଳେ ବଜ୍ରଯାନ ଓ ସହଜଯାନରେ ତାନ୍ତ୍ରିକ ଧର୍ମ ଭାବରେ ରୂପାନ୍ତରିତ ହେଲା, ସେତେବେଳେ ଉଡ୍ଡୀୟାନ ପୀଠ- ଓଡ଼ିଶାରେ ପ୍ରବଳ ଭାବରେ ପ୍ରସାର ଲାଭ କରିଥିଲା। ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କର ଇଷ୍ଟ ଭାବରେ ଶାବରୀୟ ଦାରୁଦେବତା ଶ୍ରୀଜଗନ୍ନାଥ ପୂଜା ପାଇଲେ। ଏଥିପାଇଁ ଏକ ବିଗ୍ରହ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନ ରତ୍ନସିଂହାସନରେ ସ୍ଥାନ ପାଇଲେ। ସହଜଯାନର ସାନ୍ଧ୍ୟ ଭାଷାର ଦ୍ୟୋତକ ଭାବେ ଶ୍ରୀକ୍ଷେତ୍ରରେ ବ୍ୟବହାର ହେଉଥିବା କେତେକ ବୋଲି କଥା ରହିଛି- ଶ୍ରୀଜଗନ୍ନାଥଙ୍କର ଚିନ୍ତାରେ ବଜ୍ରଯାନ ଓ ସହଜଯାନର ଏହା ହିଁ ଏକ ନିଖୁଣ ପ୍ରଭାବର ଚିତ୍ର ପୀଠରେ ଉଡ୍ରେଶ୍ୱରୀ ଶିବାକାତ୍ୟାୟନୀ ଓ ଉଡ୍ରେଶ ଜଗନ୍ନାଥ ପୂଜା ପାଉଛନ୍ତି। ଉଡ୍ଡୀଶତନ୍ତ୍ର ମତରେ ଏହି ପୀଠ ଜିହ୍ୱାପୀଠ। ଦେବୀ ସତୀଙ୍କର ଜିହ୍ୱା ଏଠରେ ପଡ଼ିଥିବା ହେତୁ ଏହାକୁ ଉଚ୍ଛିଷ୍ଟ ପୀଠ ନାମରେ ନାମିତ କରାଯାଇଛି। ସେଥିପାଇଁ ଶ୍ରୀଜଗନ୍ନାଥଙ୍କର ପ୍ରସାଦ ମା' ବିମଳାଙ୍କୁ ଅର୍ପଣ ହେବା ପରେ ମହାପ୍ରସାଦରେ ପରିଣତ ହୋଇଥାଏ। ତେଣୁ ବଜ୍ରନିଘୋଷ ସ୍ୱରରେ କୁହାଯାଇଛି ନୀଳାଦ୍ରୀଶ ଜଗନ୍ନାଥ ସାକ୍ଷାତ୍ ଦକ୍ଷିଣକାଳିକା।

**ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ମୁକ୍ତି ପ୍ରଦାନକାରୀ ଜ୍ଞାନ-** ଫ୍ରେଣ୍ଡ୍ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ ତରଫରୁ ଲେଖକ ଓ ସଂକଳକ ଡାକ୍ତର ରଘୁନାଥ ରାଉତଙ୍କ ଦ୍ୱାରା ରଚିତ 'ତନ୍ତ୍ର ଓ ଯନ୍ତ୍ର ବିଜ୍ଞାନ' ପୁସ୍ତକରେ ଉଲ୍ଲେଖ ରହିଛି। ଉତ୍କଳକୁ ତନ୍ତ୍ର ରାଜ୍ୟ କୁହାଯାଏ। ପ୍ରାୟ ଖ୍ରୀ:୭ମ ଓ ୮ମରେ ଓଡ଼ିଶାର ବୌଦ୍ଧସିଦ୍ଧ ସିଦ୍ଧାଚାର୍ଯ୍ୟମାନେ ସଂସ୍କୃତ ଭାଷାରେ ବହୁ ଗ୍ରନ୍ଥ ରଚନା କରିଥିଲେ। କାହ୍ନୁପାଦ, ଶବରୀପା, ଲୁଇପା, ଇନ୍ଦ୍ରଭୂତି ଇତ୍ୟାଦି। ତନ୍ତ୍ରରେ ଅନେକ ଚମତ୍କାରିତା ରହିଛି- ତନ୍ତ୍ର ସାଧନାରୁ ପ୍ରାପ୍ତ ସିଦ୍ଧି ଏବଂ ସଫଳତାର ବର୍ଣ୍ଣନା ପୋଥି, ପୁରାଣ ଗ୍ରନ୍ଥରେ ରହିଛି- ଯେପରି ତ୍ରିପୁରା ବିଜୟୀ ରାବଣର ଏକ ପୁଷ୍ପକ ଯାନ ଥିଲା। ମାରୀଚ ପରି ମନୁଷ୍ୟରୁ ପଶୁ ହୋଇଯିବା, ନଳନୀଳ ତୁଲ୍ୟ ଯୁଦ୍ଧ ସମୟରେ ଅଦୃଶ୍ୟ ହୋଇଯିବା। ବରୁଣାସ୍ତ୍ର- ପ୍ରବଳ ବୃଷ୍ଟିକରେ। ଆଗ୍ନେୟାସ୍ତ୍ର ଯାହାକୁ ନିକ୍ଷେପ କଲାମାତ୍ରେ ଦାବାନଳ ଭଳି ଜଳିଉଠେ। ସମ୍ମୋହନାସ୍ତ୍ର ଯାହା ହଜାର ହଜାର ସୈନିକଙ୍କୁ ମୁହୂର୍ତ୍ତକ ମଧ୍ୟରେ ଚେତନାଶୂନ୍ୟ କରେ। ସଞ୍ଜୀବନୀ ବିଦ୍ୟା ଦ୍ୱାରା ମର ଶରୀରରେ ପ୍ରାଣ ସଞ୍ଚାର କରିବା- ଏଭଳି କେତେକେତେ ଅଲୌକିକ କଥା ପୁରାଣରେ ବର୍ଣ୍ଣିତ ହୋଇଛି। ସେଭଳି ଘଟଣା ଏବେ କ'ଣ ଦେଖିବାକୁ ମିଳୁଛି? ଏହାକୁ ବିଜ୍ଞାନ ଯୁଗରେ ବିଶ୍ୱାସ କରିବା କେମିତି? ମାତ୍ର ଆଜିର ବିଜ୍ଞାନଯୁଗର ଟିଭି ପରଦାରେ ଦେଶ ବିଦେଶର ସମସ୍ତ ଘଟଣା ଦେଖିବା କଥା। ଯଦି ହଜାର ବର୍ଷ ତଳର ମଣିଷଙ୍କୁ କୁହାଯାଏ, ସେ କଣ ଏକଥାକୁ ବିଶ୍ୱାସ କରନ୍ତା! ଏସବୁ କଳ୍ପନାର ପରୀ କାହାଣୀ ପରି ଲାଗନ୍ତା। ଆଜିର ବିଜ୍ଞାନ ପରି ତନ୍ତ୍ର ଏକ ବିଜ୍ଞାନ। ଆଚାର୍ଯ୍ୟ ଗୋବିନ୍ଦ ଶାସ୍ତ୍ରୀଙ୍କ ମତାନୁସାରେ – ତନ୍ତ୍ର ବିଦ୍ୟା କ୍ଷେତ୍ରରେ ଗବେଷଣା ଏବଂ ଅନୁସନ୍ଧାନ ଲୋପପାଇଛି, ଏହାହିଁ ତନ୍ତ୍ର ଉପରେ ସନ୍ଦେହ ଏବଂ ଅବିଶ୍ୱାସର କାରଣ। ବେଦମୂର୍ତ୍ତି ପଣ୍ଡିତ ଶ୍ରୀରାମଶର୍ମା ଆଚାର୍ଯ୍ୟଙ୍କ ମତରେ – ତନ୍ତ୍ର ସମ୍ବନ୍ଧରେ ନାନା ଅନର୍ଥ ହୋଇଛି। ମନୁଷ୍ୟ ଶରୀରକୁ ଭଗବାନ୍‌ଙ୍କ ପ୍ରଦତ୍ତ ସାଧନ ମନେ କରି ତାହା ଦ୍ୱାରା ମୋକ୍ଷମାର୍ଗରେ ନେଇଯାଉଥିବା ଏହି ବିଦ୍ୟା ବିକୃତ ହୋଇ ନଥା'ନ୍ତା। ତନ୍ତ୍ର ସମ୍ବନ୍ଧରେ ପ୍ରଚାରିତ ଭ୍ରାନ୍ତିର ନିରାକରଣ ହେବା ଆବଶ୍ୟକ।

ଯେଉଁମାନେ ମନକୁ ନିଜର ଆୟତ୍ତରେ ପବିତ୍ର ନିର୍ମଳ ଏବଂ ଊର୍ଦ୍ଧ୍ୱଗାମୀ କରି ରଖିପାରନ୍ତି, ସେମାନେ ଅନେକ ସିଦ୍ଧିର ଅଧିକାରୀ ହୋଇପାରନ୍ତି। ତନ୍ତ୍ର କୌଶଳର କଥା କହେ ଯେପରି ଜଣେ ବ୍ୟକ୍ତି ଗୀତାର ଏକାଧିକ ଅଧ୍ୟାୟ ପାଠ କରିବାକୁ ଅଧିକ ସମୟ ଲାଗିବ, ମାତ୍ର କମ୍ ସମୟ ମଧ୍ୟରେ କିପରି ତାହା ହେବ ତାହା ତନ୍ତ୍ର। ସେଥିପାଇଁ ଏକ ଶ୍ଲୋକ ରହିଛି। ବ୍ୟୁତ୍ପତ୍ତିଶାସ୍ତ୍ର ଅନୁସାରେ ତନ୍ ଧାତୁର ଅର୍ଥ ହେଉଛି ବିସ୍ତାର। ତନ୍ତ୍ରର ସାଧାରଣ ଅର୍ଥ ଉପାୟ ବୋଲି କୁହାଯାଇଛି। ମନ୍ତ୍ର ଯେପରି ଶବ୍ଦ ଶକ୍ତିର ଉତ୍ପନ୍ନ କରେ, ତନ୍ତ୍ର ସେହିପରି ମଣିଷକୁ ଶକ୍ତିଶାଳୀ କରେ। ଏ ବିଦ୍ୟାର ରହସ୍ୟ ଯେଉଁମାନେ ଜାଣନ୍ତି ନାହିଁ, ସେମାନେ ଏହାର ପ୍ରାମାଣିକ ଉପରେ ହୁଏତ ପ୍ରଶ୍ନଚିହ୍ନ ଲଗାଇଥାନ୍ତି। ତନ୍ତ୍ର କହିଲେ ସାଧାରଣତଃ ଲୋକ ତନ୍ତ୍ରୋକ୍ତ ଷଟ୍‌କର୍ମ- ବଶୀକରଣ, ଶାନ୍ତିକରଣ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାରଣ, ମାରଣ ଆଦି ଅଭିଚାର କର୍ମକୁ ବୁଝନ୍ତି। ଆଉ କେତେକ ବାମାଚାରର (ଭୋଗପଥ) ପଞ୍ଚ 'ମ'କାର ସାଧନାକୁ ବୁଝନ୍ତି। ତନ୍ତ୍ରରେ ଅବଶ୍ୟ ଏଭଳି କଥା ରହିଛି। ଏଥିରେ ଯେମିତି ବାମାଚାରର କଥା ରହିଛି, ସେମିତି ଦକ୍ଷିଣାଚାର (ଯୋଗପଥ)ର ପରୋକ୍ଷ ଗୋପନୀୟ କଥା ମଧ୍ୟ ଅଛି। ଆଗମ ଶାସ୍ତ୍ର ଅନୁସାରେ ତନ୍ତ୍ର ସାଧନାରେ ଶିବଙ୍କୁ ଅର୍ଦ୍ଧନାରୀଶ୍ୱର କୁହାଯାଏ। ଏଥିରେ ସିଦ୍ଧିଲାଭ କରିବାକୁ ଆତ୍ମଶକ୍ତି ହେଉଛି ଅସଲ ଶକ୍ତି ଏବଂ ତନ୍ତ୍ର ମୁଖ୍ୟ ଉଦ୍ଦେଶ୍ୟ ବ୍ରହ୍ମତ୍ୱ ପ୍ରାପ୍ତି। ଦେବମୂର୍ତ୍ତି ପଣ୍ଡିତ ଶ୍ରୀରାମଶର୍ମା ଆଚାର୍ଯ୍ୟ ଲେଖିଛନ୍ତି- କେବଳ ସିଦ୍ଧାନ୍ତ ଦ୍ୱାରା କିଛି କାର୍ଯ୍ୟ ହୋଇନପାରେ। ସଫଳତା ଲାଭ କରିବା ପାଇଁ ଉଚିତ କାର୍ଯ୍ୟବିଧି କ୍ରିୟାକୌଶଳ ଅନୁସରଣ କରିବା ଆବଶ୍ୟକ। ଏଥିରୁ ସ୍ପଷ୍ଟ ହୁଏ ଯେ- ଯେଉଁ କୌଶଳରେ ଯେଉଁ ଉପାୟ ବା ପଦ୍ଧତିରେ ଜ୍ଞାନକୁ ସିଦ୍ଧାନ୍ତକୁ କାର୍ଯ୍ୟରେ ପରିଣତ କରାଯାଇପାରେ ତାହା ହେଉଛି ତନ୍ତ୍ର। ମହର୍ଷି ଦୟାନନ୍ଦ ସରସ୍ୱତୀ ସ୍ୱରଚିତ 'ସତ୍ୟାର୍ଥ ପ୍ରକାଶ' ପୁସ୍ତକରେ ଉଦ୍ଧାର କରିଛନ୍ତି। ଯଥା: ମଦ୍ୟଂ ମାଂସଂ ଚ ମୀନଂ ଚ ମୁଦ୍ରା ମୈଥୁନମେବଚ। ଏତେ ପଞ୍ଚମକାରାଃ ସ୍ୟୁର୍ମୋକ୍ଷଦା ହିଁ ଯୁଗେଯୁଗେ (କାଳୀତନ୍ତ୍ର)। ବିଭିନ୍ନ ପ୍ରାଚୀନ ଶକ୍ତିପୀଠର ଐତିହ୍ୟ ଓ ପବିତ୍ରତା ହିନ୍ଦୁ ଧର୍ମାବଲମ୍ବୀମାନଙ୍କୁ ଯୁଗଯୁଗ ଧରି ଆକର୍ଷିତ କରିଥାଏ। ଅନେକ ଅଲୌକିକ ଓ ଆଶ୍ଚର୍ଯ୍ୟ କଥା ଶୁଣିବାକୁ ମିଳେ। ଓଡ଼ିଶାରେ ଥିବା ପ୍ରସିଦ୍ଧ ତନ୍ତ୍ରପୀଠ ମଧ୍ୟରେ ଯାଜପୁରର ମା' ବିରଜାକ୍ଷେତ୍ର, ବାଣପୁର ଭଗବତୀ ପୀଠ, ଭୁଷଣ୍ଡପୁରର ଉଗ୍ରତାରା, ପୁରୀରେ ଦକ୍ଷିଣକାଳୀ, ତାରାତାରିଣୀ, ମା' ନାରାୟଣୀ, ଚିଲିକାର କାଳିଜାଈ, ଶ୍ରୀକ୍ଷେତ୍ରରେ ମା' ବିମଳାଈ, ବାଙ୍କୀର ମା' ଚର୍ଚ୍ଚିକାଙ୍କ ସମେତ ଅନେକ ପୀଠ ରହିଛି। ତନ୍ତ୍ରଶିକ୍ଷା ଅଧ୍ୟୟନ, ସାଧନା ନିମନ୍ତେ ଦେଶର ବିଭିନ୍ନ ରାଜ୍ୟରେ କେତେକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ରହିଛି। ଘରୋଇ ଭାବେ ମଧ୍ୟ କେହିକେହି ଏହି ସାଧନା କରିଥା'ନ୍ତି। ତନ୍ତ୍ର ବିଜ୍ଞାନ ନିମନ୍ତେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

**ଉପସ୍ଥାପନା: ବନବିହାରୀ ବେହେରା**

**ମନ୍ତ୍ର ଅର୍ଥ:** ଦେବାଂଶ ବିଶେଷ, ପବିତ୍ର ଶକ୍ତିଶାଳୀ ଶବ୍ଦର ବା ବାକ୍ୟର ସମଷ୍ଟି (ଯାହା ଉଚାରଣ) କରି ଦେବତାଙ୍କୁ ଉପାସନା କରାଯାଏ। ଯାହା ମନନ କଲେ ତ୍ରାଣ ମିଳେ, ଅଭୀଷ୍ଟ ଲାଭହୁଏ।
**ଯନ୍ତ୍ର:** କଳ, ଶିଳ୍ପଦ୍ରବ୍ୟାଦି ନିର୍ମାଣର ହତିଆର, ଜୀବଦେହରେ କ୍ରିୟା ସାଧକର ଅଙ୍ଗ, ଦେବତାମାନଙ୍କର ଅଧିଷ୍ଠାନଚକ୍ର।
**ତନ୍ତ୍ର:** ଶିବୋକ୍ତ, ଶାକ୍ତବିଶେଷ, ସାଧନା ପ୍ରଣାଳୀ, ଶାସନ ପଦ୍ଧତି।








# ଦୀପାବଳିର ଘର

**ଦୀପାବଳିରେ ଘରେ ଘରେ ଦୀପ ଜାଳିବାର ପ୍ରଥା ରହିଛି। କିନ୍ତୁ ବର୍ତ୍ତମାନ ପାରମ୍ପରିକ ମାଟିଦୀପ ସହ ଘରକୁ ସୁନ୍ଦର ଭାବେ ସଜାଇବା ପାଇଁ ମାର୍କେଟରେ ବିଭିନ୍ନ ପ୍ରକାରର ଡେକୋରେଟିଭ ସାମଗ୍ରୀ ଉପଲବ୍ଧ ହେଉଛି। ତେବେ ଏହି ଅବସରରେ କେଉଁ ସବୁ ସାମଗ୍ରୀ ଦ୍ୱାରା ଆପଣ ଘରକୁ ଦେଇପାରିବେ ଏକ ଆଟ୍ରାକ୍ଟିଭ ଲୁକ୍ ସେ ସମ୍ପର୍କରେ.....**



**ଡିଜାଇନ ଦୀପର ଚାହିଦା ଅଧିକ:** ଦୀପର ପର୍ବ ଦୀପାବଳି। ତେଣୁ ଏହି ଅବସରରେ ଦୀପର ଚାହିଦା ସବୁବେଳେ ରହିଥାଏ। ତେବେ ପାରମ୍ପରିକ ମାଟିଦୀପ ଅପେକ୍ଷା ବର୍ତ୍ତମାନ ରଙ୍ଗବେରଙ୍ଗର ଡିଜାଇନର ଦୀପ ଯଥା–ଟେରାକୋଟା ଦୀପ, ଅଟା ଦୀପ, ଚାଇନାମାଟି ଦୀପ ଆଦିର ଖୁବ୍ ଡିମାଣ୍ଡ ଦେଖିବାକୁ ମିଳୁଛି।

**ମନ କିଣୁଛି ଡେକୋରେଟିଭ କ୍ୟାଣ୍ଡେଲ:** ଦୀପାବଳି ଆସିଲେ ଡେକୋରେଟିଭ କ୍ୟାଣ୍ଡେଲର ଚାହିଦା ବଢ଼ିଯାଇଥାଏ। ଏହି କ୍ୟାଣ୍ଡେଲ ଘରର ସାଜସଜ୍ଜାରେ ଆଉ ଟିକିଏ ଅଧିକ ଚମକ ଭରିଦେଇଥାଏ। ତେଣୁ ଲୋକଙ୍କ ଚାହିଦାକୁ ଧ୍ୟାନରେ ରଖି ବିଗତ କିଛିବର୍ଷ ହେବ ମାର୍କେଟରେ ନୂଆ ନୂଆ ଡିଜାଇନର କ୍ୟାଣ୍ଡେଲ ଉପଲବ୍ଧ ହେଉଛି। ଏହି କ୍ୟାଣ୍ଡେଲ ମଧ୍ୟରେ ଟି ଲାଇଟ କ୍ୟାଣ୍ଡେଲ, ଜେଲ କ୍ୟାଣ୍ଡେଲ, ଫ୍ଲାୱାର କ୍ୟାଣ୍ଡେଲ, ସ୍ପାର୍କଲିଙ୍ଗ କ୍ୟାଣ୍ଡେଲ, ସେଣ୍ଟେଡ୍ କ୍ୟାଣ୍ଡେଲ, ହ୍ୟାଣ୍ଡମେଡ୍ କ୍ୟାଣ୍ଡେଲ, କଣ୍ଟେନର୍ କ୍ୟାଣ୍ଡେଲ, ଫ୍ଲୋଟିଙ୍ଗ କ୍ୟାଣ୍ଡେଲ, ପିଲାର୍ କ୍ୟାଣ୍ଡେଲ ଆଦିର ଡିମାଣ୍ଡ ଦେଖିବାକୁ ମିଳୁଛି।

**ଇଲେକ୍ଟ୍ରିକ ଲ୍ୟାମ୍ପ ବା ଲାଣ୍ଟେର୍ନର ଭାରି ସମ୍ଭାର:** ଦୀପାବଳି ଅବସରରେ ଘରର ସାଜସଜ୍ଜାରେ ଆଉ ଟିକିଏ ଅଧିକ ଗ୍ଲାମର ଭରିଦିଏ ଇଲେକ୍ଟ୍ରିକ ଲ୍ୟାମ୍ପ ବା ଲାଣ୍ଟେର୍ନ। ଏହି ସବୁ ଲ୍ୟାମ୍ପ ବିଭିନ୍ନ ଆକାର, ଡିଜାଇନ୍ ତଥା ବିଭିନ୍ନ ମ୍ୟାଟେରିଆଲରେ ଉପଲବ୍ଧ ହେଉଛି ଯଥା– ପେପର ଲାଣ୍ଟେର୍ନ, ଫ୍ରୁଟ କ୍ୟାଣ୍ଡେଲ ଲ୍ୟାମ୍ପ, ଡିସ୍କୋଲାଇଟ ମିନି ଲ୍ୟାମ୍ପ, ବୁକ୍ ଲ୍ୟାମ୍ପ ସେଡ୍ସ, ଗ୍ଲାସ ଲ୍ୟାମ୍ପ, ପେପରକପ୍ ଲ୍ୟାମ୍ପ, ସି ଶେଲ ଲ୍ୟାମ୍ପ ଇତ୍ୟାଦି।

## ସମୟ ଅନୁସାରେ ବଢୁଛି ଲାଇଟର ଚାହିଦା

ଦୀପାବଳି ଆସିଲେ ଲୋକଙ୍କ ମଧ୍ୟରେ ଡେକୋରେଟିଭ ଲାଇଟର ଚାହିଦା ବଢ଼ିଯାଏ। ଖାସ୍ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆମେ ପ୍ରତିବର୍ଷ ନୂଆନୂଆ ଡିଜାଇନର ଲାଇଟ ମଗାଉଛୁ। ବିଭିନ୍ନ ଲାଇଟ ମଧ୍ୟରୁ ରାଇସ୍ ଲାଇଟକୁ ଲୋକେ ବହୁତ ପସନ୍ଦ କରୁଛନ୍ତି। ଯେହେତୁ ଏହି ଲାଇଟର ମୂଲ୍ୟ ଅପେକ୍ଷାକୃତ କମ୍ ରହୁଛି ଏବଂ ବିଭିନ୍ନ ରଙ୍ଗରେ ମଧ୍ୟ ଉପଲବ୍ଧ ହେଉଛି। ତେବେ ଏହି ବର୍ଷ ଦିଆ ଡିଜାଇନ୍, ଡାଇମଣ୍ଡ ଏଲଇଡି ଏବଂ ଝୁମର ଆଦି ନୂଆ ଡିଜାଇନର ଲାଇଟ ଆମ ପାଖେ ଉପଲବ୍ଧ ଅଛି। ଏହି ଲାଇଟ ସବୁର ମୂଲ୍ୟ ୪୦ ଟଙ୍କାରୁ ନେଇ ୧୨୦୦ ଟଙ୍କା ପର୍ଯ୍ୟନ୍ତ ରହୁଛି।

–ସନ୍ତୋଷ କୁମାର ସାହୁ
ଲାଇଟ ବ୍ୟବସାୟୀ, ବାପୁଜୀନଗର, ଭୁବନେଶ୍ୱର

**ଡିଜାଇନର ଲାଇଟର ଡିମାଣ୍ଡ ବଢୁଛି:** ଦୀପାବଳି ଅବସରରେ ଆଲୋକରେ ଝକ୍‌ମକ କରୁଥିବା ଘରଟିକୁ ଦେଖିଲେ ଉତ୍ସବ ପାଳନ କରିବାର ଉତ୍ସାହ ଦ୍ୱିଗୁଣିତ ହୋଇଯାଏ। ତେବେ ଖାସ ଦୀପାବଳି ପାଇଁ ବର୍ତ୍ତମାନ ନୂଆ ନୂଆ ଡିଜାଇନର ଲାଇଟର ସମ୍ଭାର ଦେଖିବାକୁ ମିଳୁଛି। ଏହି ଲାଇଟ ମଧ୍ୟରେ ରାଇସ୍ ଲାଇଟ୍, ଲିଚୁ ଲାଇଟ, ଏଲଇଡି ଲାଇଟ, ସ୍ନୋଫ୍ଲେକ ଷ୍ଟ୍ରିଙ୍ଗ ଲାଇଟ, ଝୁମର ବା ଲଟକନ୍ ଲାଇଟ, ବେଲୁନ ଟ୍ୱିନ ଲାଇଟ, କର୍ଟେନ ଲାଇଟ୍, ମଲଟିଫଙ୍କସନ୍ ଷ୍ଟିଙ୍ଗ ଲାଇଟ, ୱାଟରପ୍ରୁଫ୍ ରାଉଣ୍ଡ ପାଇପ୍ ରୋପ ଲାଇଟ ଆଦି ମାର୍କେଟରେ ଉପଲବ୍ଧ ଅଛି। ଆପଣଙ୍କ ପସନ୍ଦ ମୁତାବକ ଯେକୌଣସି ଲାଇଟ ଦ୍ୱାରା ଘରର ଆଉଟଡୋର ଏବଂ ଇଣ୍ଡୋରକୁ ଦେଇପାରିବେ ଏକ ଫେଷ୍ଟିଭ ଲୁକ୍।

**ଶୁଭ ଦୀପାବଳି ପାଇଁ ଶୁଭ ତୋରଣ:** ଘରର ମୁଖ୍ୟ ଦ୍ୱାରର ଶୋଭା ବଢାଇଥାଏ ତୋରଣ। ଏହି ଶୁଭ ତୋରଣ ଲଗାଇବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ବଜାୟ ରହିଥାଏ ବୋଲି ବିଶ୍ୱାସ ରହିଛି। ତେବେ ଏହି ତୋରଣର ମଧ୍ୟ ବିଭିନ୍ନ ଡିଜାଇନ ମାର୍କେଟରେ ଉପଲବ୍ଧ ଅଛି ଯଥା– ଆର୍ଟିଫିସିଆଲ ଫ୍ଲାୱାର ତୋରଣ, ରଙ୍ଗିନ ମାଳିର ତୋରଣ, ରଙ୍ଗିନ ସୂତାର ତୋରଣ, ଶୁଭଲାଭ ତୋରଣ, ସ୍ୱସ୍ତିକ, ଓଁଗଣେଶ, ଲକ୍ଷ୍ମୀ ତୋରଣ ଇତ୍ୟାଦି।




**ଫେଷ୍ଟିଭ ଲୁକ୍ ପାଇଁ ୱାଲ ହେଙ୍ଗିଙ୍ଗ୍:** କ୍ୟାଣ୍ଡେଲ ବା ତୋରଣ ନୁହେଁ ବିଭିନ୍ନ ୱାଲ ହେଙ୍ଗିଙ୍ଗ ଦ୍ୱାରା ମଧ୍ୟ ଘରକୁ ଡେକୋରେଟ୍ କରିପାରିବେ। ପେପରୱାଲ ହେଙ୍ଗିଙ୍ଗ୍, ମିରର୍ ୱାଲ ହେଙ୍ଗିଙ୍ଗ୍, ଦିଆ ୱାଲ ହେଙ୍ଗିଙ୍ଗ୍ ଆଦି ଘରକୁ ଦେବ ଏକ ଫେଷ୍ଟିଭ ଲୁକ୍।

–ଲିପ୍‌ସା ବିଶୋଇ







ସରକାରଙ୍କୁ ସାହିତ୍ୟ ସମାଲୋଚକମାନେ ଆଦୌ ଜଣେ ଶସ୍ତା କିମ୍ବା ହାଲ୍‌କା ଅର୍ଥରେ ନିଅନ୍ତି ନାହିଁ କାରଣ ତାଙ୍କର ପ୍ରଭାବଶାଳୀ ସୃଷ୍ଟି କେବଳ ମଞ୍ଚ ପରମ୍ପରାକୁ ପରିପୁଷ୍ଟ କରିନାହିଁ; ଅଧିକନ୍ତୁ ବହୁ ନାଟ୍ୟକାରଙ୍କୁ ବାଧ କରିଛି ସମୟକ୍ରମେ ତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ...




# ବାଦଲ ସରକାର

ଭାରତୀୟ ନାଟ୍ୟ ସାହିତ୍ୟକୁ ଉଚ୍ଚକିତ କରିଥିବା ଜଣେ ମହାନ୍ ବ୍ୟକ୍ତିତ୍ୱ ହେଉଛନ୍ତି ବାଦଲ ସରକାର। ସ୍ଥାନ, କାଳ, ପାତ୍ର, ପରିବେଶ, ରାଜ୍ୟ ତଥା ଭାଷାର ପରିସୀମାକୁ ବାଦ୍‌ଦେଇ ବାଦଲ ସରକାରଙ୍କୁ ଆଜି ଜଣେ ଭାରତୀୟ ସାହିତ୍ୟିକର ମାନ୍ୟତା ପ୍ରଦାନ କରିବାକୁ କେହି ବି କଦାଚିତ୍ କୁଣ୍ଠିତ ହୁଅନ୍ତି ନାହିଁ। ସରକାରଙ୍କୁ ସାହିତ୍ୟ ସମାଲୋଚକମାନେ ଆଦୌ ଜଣେ ଶସ୍ତା କିମ୍ବା ହାଲ୍‌କା ଅର୍ଥରେ ନିଅନ୍ତି ନାହିଁ। କାରଣ ତାଙ୍କର ପ୍ରଭାବଶାଳୀ ସୃଷ୍ଟି କେବଳ ମଞ୍ଚ ପରମ୍ପରାକୁ ପରିପୁଷ୍ଟ କରିନାହିଁ; ଅଧିକନ୍ତୁ ବହୁ ନାଟ୍ୟକାରଙ୍କୁ ବାଧ କରିଛି ସମୟକ୍ରମେ ତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ। ଯେତେବେଳେ ସମଗ୍ର ଭାରତବର୍ଷରେ ନକ୍ସଲ ଆନ୍ଦୋଳନ ଶୀର୍ଷ ସୋପାନରେ ପହଞ୍ଚିଥିଲା ସେହି ସମୟରେ ନିଜର ଅଗ୍ନିବର୍ଷୀ କଲମକୁ ଅସ୍ତ୍ର କରିଥିଲେ ସରକାର। ଆଉ ତାଙ୍କ ମାର୍କ୍ସ-ଉଦ୍‌ବୁଦ୍ଧ ଚିନ୍ତାଧାରା ବର୍ଷ ବୟସ ନିର୍ବିଶେଷରେ ସମସ୍ତଙ୍କୁ ଚକିତ ବିସ୍ମିତ କରିଦେଇଥିଲା। ପୁଣି ମଞ୍ଚ ଆନ୍ଦୋଳନର ଶ୍ରେୟ ମଧ୍ୟ ତାଙ୍କୁ ପ୍ରଦାନ କରାଯାଇଥାଏ। ମଞ୍ଚକୁ ଆବଦ୍ଧ କୋଠରି ଭିତରକୁ ବାହାରକରି ମୁକ୍ତ ଆକାଶ ତଳକୁ ଆଣିବା ତଥା ପଥପ୍ରାନ୍ତ ନାଟକ ପରିବେଷଣରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ବାଦଲ ସରକାରଙ୍କ ଭୂମିକାକୁ କୌଣସି ବି ପରିପ୍ରେକ୍ଷୀରେ ଅସ୍ୱୀକାର କରାଯାଇପାରେନାହିଁ।





**ପଥପ୍ରାନ୍ତ ନାଟକର ଅଗ୍ରଦୂତ :** ବାଦଲ ସରକାରଙ୍କୁ ଯଥାର୍ଥରେ କନ୍ନଡ଼ ନାଟ୍ୟ ସାହିତ୍ୟର ଗିରୀଶ କର୍ନାଡ଼, ମରାଠୀ ନାଟ୍ୟ ସାହିତ୍ୟର ବିଜୟ ତେନ୍ଦୁଲକର, ହିନ୍ଦୀ ନାଟ୍ୟ ସାହିତ୍ୟର ମୋହନ ରାକେଶଙ୍କ ସହିତ ତୁଳନା କରାଯାଇଥାଏ। ସରକାର ନାଟ୍ୟ ପରମ୍ପରାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଆଶାରେ ପ୍ରତିଷ୍ଠା କଲେ ନିଜସ୍ୱ ନାଟ୍ୟ ଅନୁଷ୍ଠାନ ଶତାବ୍ଦୀ। ଆଉ ନିରବଚ୍ଛିନ୍ନ ଆରମ୍ଭକଲେ କଲମ ଚାଳନା। ଫଳରେ ତାଙ୍କର ଅଗ୍ନିସ୍ରାବୀ କଲମରୁ ସୃଷ୍ଟିହେଲା ଇନ୍ଦ୍ରଜିତ, ବାସି ଖବର, ସାରି ରାତ ଭଳି ଯୁଗାନ୍ତକାରୀ ନାଟକ। ଏସବୁ କେବଳ ଆଜି ଗୋଟିଏ ଗୋଟିଏ ନାଟ୍ୟପୁସ୍ତକ ହୋଇ ରହିନାହିଁ; ଅଧିକନ୍ତୁ ଭାରତୀୟ ସାହିତ୍ୟର ଗୋଟିଏ ଗୋଟିଏ ବଳିଷ୍ଠ ଅଂଶ ପାଲଟିଯାଇଛି। ପଥପ୍ରାନ୍ତ ନାଟ୍ୟକଳାର ତାଙ୍କୁ ଅଗ୍ରଦୂତ ବା ପାୟୋନିଅର ବୋଲି କୁହାଯାଏ। ଭାଷାଗତ ଦୃଷ୍ଟିକୋଣରୁ ମୁଖ୍ୟତଃ ବାଦଲ ସରକାର ଜଣେ ବଙ୍ଗୀୟ ବ୍ୟକ୍ତି ହୋଇଥିଲେ ମଧ୍ୟ ତାଙ୍କ ଭିତରେ ଥିଲା ଏକ ମହାଭାରତୀୟ ଦୃଷ୍ଟିଭଙ୍ଗୀ।

**ପ୍ରାଥମିକ ଜୀବନ :** ୧୯୨୫ ମସିହା ଜୁଲାଇ ୧୫ ତାରିଖରେ କଲିକତାରେ ବାଦଲ ସରକାରଙ୍କ ଜନ୍ମ। ତାଙ୍କର ପିତୃଦତ୍ତ ନାମ ଥିଲା ସୁଧୀନ୍ଦ୍ର ସରକାର। ସ୍ଥାନୀୟ ସ୍କଟିଶ୍ ଚର୍ଚ୍ଚ କଲେଜିଏଟ୍ ସ୍କୁଲରେ ସେ ତାଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ସ୍କଟିଶ୍ ଚର୍ଚ୍ଚ କଲେଜରେ ତାଙ୍କ ବାପା ଇତିହାସ ପ୍ରାଧ୍ୟାପକ ଥିଲେ। ସେ ସେଠାରୁ ଆସି ବେଙ୍ଗଲ ଇଞ୍ଜିନିୟରିଂ କଲେଜରେ ସିଭିଲ ଇଞ୍ଜିନିୟରିଂ ପଢ଼ିଲେ। ପରେ ପରେ ଯାଦବପୁର ୟୁନିଭର୍ସିଟିରୁ କମ୍ପାରେଟିଭ୍ ଲିଟେରେଚରରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଜଣେ ଟାଉନ୍ ପ୍ଲାନର ଭାବରେ ବାଦଲ ସରକାର ତାଙ୍କର ଚାକିରି ଜୀବନ ଆରମ୍ଭ କରିଥିଲେ। ଭାରତ, ଇଂଲଣ୍ଡ ଏବଂ ନାଇଜେରିଆର ଟାଉନ୍ ପ୍ଲାନର ଭାବରେ ତାଙ୍କର ନିଯୁକ୍ତି ହୋଇଥିଲା। ଏହି ଚାକିରି କରିବା ସମୟରେ ସେ ଥିଏଟର ଆଡ଼କୁ ମୁହାଁ କରିଥିଲେ। ଜଣେ ଅଭିନେତା ଭାବରେ ସେ ପ୍ରବେଶ କରିଥିଲେ ଥିଏଟରରେ।

**ମଞ୍ଚ ପ୍ରବେଶ :** ପ୍ରବେଶ କରିବାର କିଛିଦିନ ପରେ ନିର୍ଦ୍ଦେଶନାର ଦାୟିତ୍ୱ ନେଲେ। ସେତିକି ନୁହେଁ, ଖୁବ୍ ଶୀଘ୍ର ସେ ନାଟକ ଲେଖିବା ଆରମ୍ଭ କରିଦେଲେ। କେବଳ ନାଟକ ଲେଖିବାରେ ଯେ ମନୋନିବେଶ କରିଥିଲେ ସେକଥା ନୁହେଁ; ଷ୍ଟେଜ, କଷ୍ଟ୍ୟୁମ୍ ଆଦିର ଆମୂଳଚୂଳ ପରିବର୍ତ୍ତନ ଦିଗରେ ଲାଗି ପଡ଼ିଥିଲେ। ଫଳ ଏଇଆ ହୋଇଥିଲା ଯେ, ତାଙ୍କ ଦିଗ୍‌ଦର୍ଶନରେ ଏକ ନୂଆ ପିଢ଼ିର ଥିଏଟର ଜନ୍ମନେଲା ଯାହାକୁ କୁହାଗଲା ତୃତୀୟ ମଞ୍ଚ ବା ଥାର୍ଡ ଥିଏଟର। ଏହି ଥାର୍ଡ ଥିଏଟର ଆନୁକୂଲ୍ୟରେ ମଞ୍ଚସ୍ଥ ହୋଇଥିବା ତାଙ୍କର ଅତି ଲୋକପ୍ରିୟ ନାଟକ ଥିଲା 'ବାର ତୃଷ୍ଣା'।

୨୦୧୧ ମେ' ୧୩ ତାରିଖରେ ବାଦଲ ସରକାରଙ୍କର ପରଲୋକ ଘଟିଥିଲା।












# କବିପଣ

– ସରୋଜିନୀ ଶଙ୍ଖୁଆ

ତୋ ବହୁଦିନର ଅଳିପରେ
ଏବେ ତୋ ପାଇଁ
କବିତାଟେ ଲେଖିବାକୁ
ବାହାରିଛି, ମୋ କବିପଣର
ପ୍ରମାଣ ଦେବାକୁ...

କିନ୍ତୁ କାହିଁ କଲମ ଧରିଲେ
ଶବ୍ଦଟିଏ ଜୁଟୁନାହିଁ, ଝରୁନାହିଁ
ଟୋପାଏ ବି କାଳି
ମୋ କାଗଜର ସଫେଦ ଛାତିଟା
ଏବେ ଶୂନ୍ୟତାରେ ଭରା...

ତୁ ନିଜେ କହ
ମୁଁ କ'ଣ ଶବ୍ଦରେ ସଜେଇପାରିବି
ତୋ ପିଲାଳିଆମି, ଗେହ୍ଲାପଣ
ଅବା ତୋ ମମତାର ମଧୁର ମାୟାକୁ...

ଖେଳେଇ ସାରିଲିଣି ସାରା ଶବ୍ଦକୋଷ
ସଜାଗ କଲିଣି ମୋର ସବୁ
ଭାବନା ଶକ୍ତିକୁ
ତୋ ଶବ୍ଦହୀନ ଆବେଗକୁ
ଶବ୍ଦରେ ସଜେଇବା ପାଇଁ...

ଏବେ ବି କାଗଜ ସାରା
ଶୂନ୍ୟତାର ସଫେଦ ଚାଦର
କାଳିର ତ ଦାଗ ଟିକେ ନାହିଁ
ତୋ ପାଇଁ ମୋ ପାଖେ ଶବ୍ଦର ଅଭାବ
କବିତାର ପ୍ରଶ୍ନ ଉଠୁନାହିଁ...

ହୁଏତ ତୁ ୟା ପରଠୁ କହିପାରୁ ମତେ
ତୋ ପାଇଁ ମୋ ହୃଦୟରେ ପ୍ରେମର ଅଭାବ
ଅବା ଯୋଗ୍ୟତାର, ଗୋଟେ କବି ହେବା
ପାଇଁ ॥

ଏବେ ତୋର ଖୁସି ଯାହା କହ
ତୋ ପାଇଁ ଶବ୍ଦଟେ ଏବେ
ପାଉନାହିଁ ଖୋଜି
ପାରୁନାହିଁ ଧାଡ଼ିଟିଏ ଲେଖି
ଯୋଗାଡ଼ କରିପାରୁନି ପ୍ରମାଣଟେ
ମୋ କବିପଣ ପାଇଁ ॥

*– ଟୁକୁଣା, ବଡ଼ରମ୍ପାସ, ହାଟଡିହି, କେନ୍ଦୁଝର*

# ସକାଳ-ସନ୍ଧ୍ୟା-ଦିନ-ଜହ୍ନରାତି

– ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

**॥ ସକାଳ ॥**

ସକାଳୁ ଉଠିଲେ ଦେହମନ ସୁସ୍ଥ ରହେ। ସକାଳୁ ଉଠୁ ନ ଥିବାରୁ ବେରୋଜଗାର ପୁଅକୁ ବାପା ଗାଳିଦେବାର ପଡ଼ିଶା ଲୋକେ ଶୁଣନ୍ତି। ଆଜିକାଲି ଦିନ ଦଶଟା ଯାଏ ପୁଅ ଶୋଉଛି। ବାପା ଆଗଭଳି ଗାଳି ଦେଉନି। ପୁଅ ରାତି ବାରରେ ଘରକୁ ଫେରୁଛି। କୁଆଡ଼େ ଅଫିସରେ ବହୁତ କାମର ଚାପ।

**॥ ସନ୍ଧ୍ୟା ॥**

ସୂର୍ଯ୍ୟ ଅସ୍ତ ହେଲେ ସନ୍ଧ୍ୟା ହୁଏ। ସୂର୍ଯ୍ୟ ଥକିଯାନ୍ତି ; ହେଲେ ମଣିଷମାନେ ଥକନ୍ତିନି। ସନ୍ଧ୍ୟାରେ ଅନେକ କାମ। ପ୍ରାର୍ଥନା, ସଂକୀର୍ତ୍ତନ, ବଜାର ଭ୍ରମଣ, ଗୁପ୍‌ଚୁପ୍ ସେବନ, ସୁରାପାନ, ଗଣିକାଳୟ ଗମନ ଆଦି କେତେ କେତେ କାମ ସନ୍ଧ୍ୟାରେ କରିବାକୁ ହୁଏ।

**॥ ଦିନ ॥**

ଦିନରେ କାମ। ରାତିରେ ବିଶ୍ରାମ। ଘରମାଲିକଙ୍କ ଉପର ତାଲା ନିର୍ମାଣରେ ଲାଗିଥିବା ଶ୍ରମିକମାନେ କଥା ହଉଥିଲେ।
ଠିକାଦାର ବୁଝାଉଥିଲା କାମରେ ଦିନରାତି କ'ଣ। ଖାଲି ଦିନରେ କାମ କଲେ ସରିବ କେମିତି। ଦିନସାରା ଝିଅଟି ଭଡ଼ାଘରେ ରହେ। ରାତି ହେଲେ କାମରେ ବାହାରିଯାଏ।ଆଖପାଖ ଲୋକେ କୁହାକୁହି ହୁଅନ୍ତି, ରାତିରେ ଝିଅପିଲାଟାର ପୁଣି କି କାମ !

**॥ ଜହ୍ନରାତି ॥**

ସବୁ ରାତି ଜହ୍ନରାତି ହୁଅନ୍ତାନି। ଜହ୍ନରାତି ରୋମାଣ୍ଟିକ୍ ରୋମାଣ୍ଟିକ୍ ଲାଗେ।
କବିତା ମନସ୍କ କରାଏ। ପ୍ରେମ ପାଇଁ ଇନ୍ଧନ ଯୋଗାଏ।
ହେଲେ ଅନ୍ଧାର ରାତିରେ ଛୋଟମୋଟ ଚୋରି କରୁଥିବା ଲୋକଟା ଜହ୍ନ ଆସିଲେ ଦୀର୍ଘଶ୍ୱାସ ଛାଡ଼େ।

*– ୩୪୦୮, ପଳାଶୁଣୀ, ଭୁବନେଶ୍ୱର*

# ବିନ୍ଧୁଏ ପ୍ରେମ

–ରାଜଲକ୍ଷ୍ମୀ ତ୍ରିପାଠୀ

ଏକ ସଂଗୁପ୍ତ ଆକାଂକ୍ଷା
ଅନୁରକ୍ତ ପ୍ରେମିକର
ସ୍ଫୀତ ହୃଦୟରେ
ବାନ୍ଧିରଖେ ତୃଷିତ
ଜୀବକୋଷମାନଙ୍କର
ନିଜସ୍ୱ ଅନୁଭୂତି ସହ।
ବିନ୍ଧୁଏ ପ୍ରେମ,
ଅପସରି ନିଏ ଘନ, ମୂକ
ଅନ୍ଧାର ରାତିକୁ
ନଭାଙ୍ଗି ତା'ଦୃଢ଼ତାର
ନାଭିକେନ୍ଦ୍ର,ପଥଭ୍ରଷ୍ଟ ନ ହୋଇ
କାହା ଛନ୍ଦ କପଟର
ଅତର୍କିତ ଗୋପନ ଆଘାତରେ।
ବିନ୍ଧୁଏ ପ୍ରେମ,
ସଙ୍ଗୀତର ତାଳେ ତାଳେ
ପଦ୍ମତୋଳା ଗାଇ
ତୋଷିନେଇ ମଣିନାଗ
ଜିଣିପାରେ ସମଗ୍ର ପୃଥିବୀ।

– ପୁରୀ





# ବାହା ହେବେ ପ୍ରଭାସ



ଯାହା ହେଉ ଶେଷରେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇଛନ୍ତି ପ୍ରଭାସ। କେବେ ସେ ଘର ସଂସାର କରିବେ ସେଥିନେଇ ଅନେକ କଥା ଶୁଣିବାକୁ ମିଳୁଥିଲା। ହେଲେ ପରିଶେଷରେ ହାତକୁ ଦି’ ହାତ ହେବାକୁ ମାଇଣ୍ଡ ମେକ୍‌ଅପ କରିଛନ୍ତି ଏହି ଅଭିନେତା। ପୂର୍ବରୁ ମିଛିମିଛିକା ବର ସାଜିଥିବା ପ୍ରଭାସ ଆସନ୍ତାବର୍ଷ ସତସତିକା ବର ବେଶରେ ଆସିବେ। ହେଲେ କାହାକୁ ବୋହୂ ବେଶରେ ନିଜ ଘରକୁ ନେଇଯିବେ ତାହା ଉପରେ ଏବେ ମଧ୍ୟ ପ୍ରଶ୍ନବାଚୀ ରହିଛି। କାରଣ ଏ ନେଇ କିଛି ସୂଚନା ଦେଇନାହାନ୍ତି ପ୍ରଭାସ। କିଛି ମାସ ହେଲା ସେ ନିଜର ମ୍ୟାରେଜ ଡେଟ୍ ଗଡ଼ାଇ ଚାଲିଥିଲେ। ହେଲେ ସେପଟେ ତାଙ୍କର ମା’ ଖୁବ୍ ଶୀଘ୍ର ବୋହୂ ଆଣିବାକୁ ଗୋଡ଼ ଟେକି ବସିଲେଣି। ଯେତେବେଳେ ଏକଥା ପ୍ରଭାସଙ୍କ ନିକଟରେ ପହଞ୍ଚିଲା ସେ ଆସନ୍ତାବର୍ଷ ବାହା ହେବାକୁ ରାଜି ହୋଇଛନ୍ତି ବୋଲି ତାଙ୍କର ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଯେହେତୁ ସେ ବର୍ତ୍ତମାନ ‘ସାହୋ’ ପାଇଁ ବ୍ୟସ୍ତ ଅଛନ୍ତି ତେଣୁ ଏହାର ରିଲିଜ୍ ପରେ ସେ ଫୁଲ୍ ଫ୍ରି ହୋଇଯିବେ ଏବଂ ଆସନ୍ତାବର୍ଷ ହିଁ ସେ ମ୍ୟାରେଜ କରିବେ ବୋଲି ଏହି ଫିଲ୍ମର ନାୟିକା ଶ୍ରଦ୍ଧା କପୁର ସୂଚନା ଦେଇଛନ୍ତି। ତେବେ ଆସନ୍ତାବର୍ଷ କେବେ ସେ ହାତକୁ ଦି’ ହାତ ହେବେ ସେ ନେଇ କିଛି ଜଣାପଡ଼ିନି।

# ଟେନସନ୍‌ରେ ଶାହରୁଖ


ଶାହରୁଖ

ଦିନ ଯେତିକି ପାଖେଇ ଆସୁଛି ବଲିଉଡ୍‌ର କିଙ୍ଗ ଖାନ୍ ଶାହରୁଖଙ୍କ ଟେନସନ୍ ସେତିକି ବଢ଼ି ବଢ଼ି ଯାଉଛି। କାରଣ ‘ଜିରୋ’ ଫିଲ୍ମକୁ ସେ ଏକ ଚ୍ୟାଲେଞ୍ଜ ଭାବରେ ନେଇଛନ୍ତି। କହିବାକୁ ଗଲେ ବର୍ତ୍ତମାନ ଶାହରୁଖଙ୍କ ଆଶା ଭରସା ହେଉଛି ହୋମ ବ୍ୟାନରରେ ନିର୍ମିତ ଏହି ଫିଲ୍ମ। ଖାସ୍ କଥା ହେଲା ଏଥିରେ ତାଙ୍କୁ ବାମନ ଅବତାରରେ ଦେଖିବାକୁ ମିଳିବ। ଶାହରୁଖ ନିଜର ଏଭଳି ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏ ସମ୍ପର୍କରେ ଶାହରୁଖ କହନ୍ତି, ‘ହିମାଂଶୁ ଶର୍ମା ଯେତେବେଳେ ମୋତେ ଏଭଳି ଏକ କାହାଣୀ ଶୁଣାଇଲେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ବିଶେଷ ଭାବରେ ବାମନ ଭୂମିକା ସତେ ଯେମିତି ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଫିଲ୍ମଟି ଚଳିତବର୍ଷ ଡିସେମ୍ବର ୨୧ରେ ରିଲିଜ ହେବ।’ ‘ଜିରୋ’ର ପ୍ରଯୋଜନା ମିଳିତ ଭାବରେ କରିଛନ୍ତି ଗୌରୀ ଖାଁ, ଫିଲ୍ମର ନିର୍ଦ୍ଦେଶକ ଆନନ୍ଦ ଏଲ ରାୟ ଏବଂ କରୁଣା ବନ୍ଦୱାଲ। ପାଖାପାଖି ୨ ୦୦କୋଟି ବଜେଟରେ ନିର୍ମିତ ଏହି ରୋମାଣ୍ଟିକ ଡ୍ରାମାଭିତ୍ତିକ ଫିଲ୍ମରେ ଶାହରୁଖଙ୍କ ବ୍ୟତୀତ କ୍ୟାଟ୍ରିନା କୈଫ ଏବଂ ଅନୁଷ୍କା ଶର୍ମା ଅଭିନୟ କରିଛନ୍ତି।


ଜ୍ୟୋତି

# ଡନ୍ ଅନ୍ତରାଳେ

ଅଭିନେତା ଜ୍ୟୋତି ଡନ୍ ସାଜିଛନ୍ତି। ହେଲେ କ’ଣ ପାଇଁ ? ହୃଦୟ ତାଙ୍କର ଖୋଲା, ହେଲେ ବେଳେବେଳେ ନଖରାମି କରିବାକୁ ପଛାଇ ନ ଥାନ୍ତି। ସେପଟେ ମା’ର ଅନାବିଳ ସ୍ନେହ। ହେଲେ ତା’ ଭିତରେ ଏଭଳି ଘଟଣା ଘଟୁଛି ଯାହା ତାଙ୍କୁ ଡନ୍ ଭାବରେ ଉଭା ହେବାକୁ ବାଧ୍ୟ କରିଛି। ହଁ, ଏହାର ସଂଯୋଗ ଜ୍ୟୋତିଙ୍କର ରିଲ୍ ଲାଇଫ ସହ। ହେଲେ ସେହି କାରଣଟି କ’ଣ ? ତେବେ ଅପେକ୍ଷା କରନ୍ତୁ ନା ! ଚଳିତ ମାସ ୨୩ରେ ପରଦା ଉପରକୁ ଆସିବାକୁ ଥିବା ଓଡ଼ିଆ ସିନେମା ‘ସାଥୀ ତୁ ଫେରିଆ’ରେ ଏହାର ଉତ୍ତର ରହିଛି। ଏଭଳି ଭୂମିକା ସମ୍ପର୍କରେ ଜ୍ୟୋତି କହନ୍ତି, ‘ମା-ପୁଅର ସମ୍ପର୍କକୁ ନେଇ କାହାଣୀ ରଚିତ। ହେଲେ ସେହି କାହାଣୀ ଭିତରେ ଲଭ୍, ଇମୋଶନ, ଆକ୍ସନ, କମେଡି-ସବୁକିଛି ରହିଛି। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ଭିନ୍ନ ଧରଣର। ତାହାକୁ ସଫଳ କରିବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ମୋଟ ଉପରେ କହିବାକୁ ଗଲେ ଫିଲ୍ମଟି ସବୁବର୍ଗର ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରହିଛି।’ ଜି ସାର୍ଥକ ସହାୟତାରେ ଏବଂ ସାଇ ଶ୍ରଦ୍ଧା ଷ୍ଟୁଡିଓ ବ୍ୟାନରରେ ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ବିନି ସାମଲ। ଛୋଟ ପରଦାରେ ବେଶ୍ କେତୋଟି ଲୋକପ୍ରିୟ ଧାରାବାହିକର ପ୍ରଯୋଜନା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ମହାଶ୍ୱେତା ରାୟ, ଅନୁଭା ସୌର୍ଯ୍ୟା, ଶୁଭାଶିଷ ଶର୍ମା (ମଣ୍ଟୁ), ଶ୍ରୀତମ ଦାସ, ପିଣ୍ଟୁ ନନ୍ଦ, ଅନୀଷା ପ୍ରମୁଖ କଳାକାର ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ମା-ବାପା ହେବେ ଆଦର୍ଶ

ବର୍ତ୍ତମାନ ବଲିଉଡ୍‌ର ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି ରଣବୀର ସିଂ ଏବଂ ଦୀପିକା ପାଦୁକୋନ୍। କାରଣ ଏଇ ମାସ ୧୪-୧୫ରେ ଦୁହିଁଙ୍କର ବିବାହ ସମ୍ପନ୍ନ ହେବ। ହେଲେ ମ୍ୟାରେଜ ପରେ ଦୀପିକାଙ୍କର ପ୍ଲାନିଂ କ’ଣ ରହିଛି ତାହା ଜାଣିବାକୁ ଅନେକ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ବିବାହ ପରେ ତାଙ୍କର ଜୀବନାଦର୍ଶ ପାଲଟିବେ ନିଜର ବାପା ଏବଂ ମା। ଏ ବିଷୟରେ ଦୀପିକା କହନ୍ତି, ‘ମୋ ମମି-ଡ୍ୟାଡିଙ୍କ ଜୀବନୀ ମୋତେ ବେଶ୍ ପ୍ରଭାବିତ କରିଛି। ସେମାନଙ୍କଠାରୁ ମୁଁ ଅନେକ କିଛି ଶିଖିଛି। ଜଣଙ୍କର ବୈବାହିକ ଜୀବନ କିପରି ଶୃଙ୍ଖଳିତ ହେବ ତାହାର ଉଦାହରଣ ଭାବରେ ତାଙ୍କର ଜୀବନୀକୁ ନିଆଯାଇପାରେ। ଏବେ ତ ମ୍ୟାରେଜ ପ୍ରିପାରେଶନରେ ବ୍ୟସ୍ତ ଅଛି। ଏପରି କି ଏଥିପାଇଁ କୌଣସି ଫିଲ୍ମ ସାଇନ୍ ମଧ୍ୟ କରୁନି। ଯାହା ବାକି କାମ ରହିଛି ତାକୁ ପ୍ରଥମେ ଶେଷ କରିବାକୁ ଗୁରୁତ୍ୱ ଦେଉଛି।’ ନଭେମ୍ବର ୧୩ରେ ରଣବୀର-ଦୀପିକାଙ୍କ ମ୍ୟାରେଜର ସଙ୍ଗୀତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯେହେତୁ ଦୀପିକାଙ୍କ ଜନ୍ମ କର୍ନାଟକରେ ତେଣୁ ୧୪ରେ କାନ୍ନାଡିଗା ଏବଂ ୧୫ରେ ସିନ୍ଧୀ-ପଞ୍ଜାବୀ ପରମ୍ପରାରେ ବିବାହ କାର୍ଯ୍ୟ ଶେଷ ହେବ। ଏହି ହାଇପ୍ରୋଫାଇଲ ମ୍ୟାରେଜରେ ବଲିଉଡ୍‌ର ନାମୀ ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଗେଷ୍ଟ ତାଲିକାରେ ଫାରହା ଖାଁ, ଶାହରୁଖ ଖାଁ, ସଞ୍ଜୟ ଲୀଲା ଭଁସାଲି, ଆଦିତ୍ୟ ଚୋପ୍ରା ଏବଂ ଅର୍ଜୁନ କପୁରଙ୍କ ନାମ ରହିଛି।


ଦୀପିକା

# ଝୁରି ହେଉଛନ୍ତି ପ୍ରିୟଙ୍କା



ପ୍ରିୟଙ୍କା ଚୋପ୍ରାଙ୍କର ମନ ତ ଏବେ ଗୋଟିଏ କଥାରେ ଲାଖି ରହିଛି। କେମିତି ପ୍ରେମିକ ନିକ୍ ଜୋନାସଙ୍କ ସହ ବିବାହ ସମ୍ପନ୍ନ ହେବ। ହେଲେ ତା’ ଭିତରେ ତାଙ୍କ ମନକୁ ଆଉ ଏକ କଥା ଆନ୍ଦୋଳିତ କରୁଛି। ତାହା ହେଲା ବଲିଉଡ୍। ଗତ କିଛିବର୍ଷ ହେବ ସେ ହଲିଉଡ୍ ସହ ଜଡିତ ରହିବା ଯୋଗୁ ବଲିଉଡ୍‌ଠାରୁ ପ୍ରାୟ ଦୂରେଇ ଯାଇଛନ୍ତି। ଏପରି କି ସଲମାନ ଅଭିନୀତ ‘ଭାରତ’ର କାଷ୍ଟିଂରୁ ସେ ଶେଷ ମୁହୂର୍ତ୍ତରେ ନିଜକୁ ଦୂରେଇ ନେଇଥିଲେ। ହେଲେ ଏବେ ବି ତାଙ୍କର ବଲିଉଡ୍ ମୋହ ତୁଟିନି। ‘ଏକଥା ସତ ଗତ କିଛିବର୍ଷ ହେବ ମୁଁ ମୋ ବଲିଉଡ୍ ପ୍ରଶଂସକଙ୍କଠାରୁ ଦୂରେଇ ଯାଇଛି। ଏହାର ଅର୍ଥ ନୁହେଁ ଯେ ମୁଁ ସବୁଦିନ ପାଇଁ ବଲିଉଡ୍‌କୁ ଗୁଡ୍‌ବାୟ କହିଛି। ଅବଶ୍ୟ ଏକଥା ସତ ଯେ ‘ଭାରତ’ ଭଳି ଏକ ଭଲ ସିନେମା ମୋ ହାତରୁ ଖସି ଗଲା। ଏବେ କେତୋଟି ଅଫର ମିଳିଛି। ମ୍ୟାରେଜ ପରେ ଏ ନେଇ ନିଷ୍ପତ୍ତି ନେବି ବୋଲି କହିଛନ୍ତି ପ୍ରିୟଙ୍କା।

# ଜୁଟି ପାରୁନାହାନ୍ତି ସ୍ୱରା



ସ୍ୱରା ଭାସ୍କର ଘଟଣାଟିକୁ ଯେତେ ଭୁଲିବାକୁ ଚାହୁଁଛନ୍ତି ତାହା ସେତେ ଥର ଆଖି ସାମ୍‌ନାକୁ ଚାଲି ଆସୁଛି। କଥା କ’ଣ କି ନିକଟରେ ସେ ଏକ ଫିଲ୍ମ ସାଇନ୍ କରିବାକୁ ଯାଇଥିଲେ। ହେଲେ ହଠାତ ଚକ ଏମିତି ଓଲଟି ଗଲା ଯେ ସାଇନ କରିବେ କ’ଣ ଭାରାକ୍ରାନ୍ତ ମନ ନେଇ ଘରକୁ ଫେରିଲେ। ତାଙ୍କୁ ବୁଝାଇ ଦିଆଗଲା ଯେ ଭୂମିକାକୁ ତାଙ୍କର ଲୁକ୍ ମ୍ୟାଚ କରୁନାହିଁ। ତେଣୁ ତାଙ୍କୁ କାଷ୍ଟିଂରୁ ଆଉଟ୍ କରାଯାଉଛି। ଏଭଳି କଥା ଶୁଣିବା ପରେ ସ୍ୱରା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରଯୋଜନା ସଂସ୍ଥାକୁ କୌଣସି ପ୍ରଶ୍ନ ନ ପଚାରି ସିଧାସଳଖ ଘରକୁ ଫେରିଥିଲେ। ସ୍ୱରା କହନ୍ତି, ‘ପ୍ରଥମେ ଯେତେବେଳେ ମୋ ସହ ଯୋଗାଯୋଗ କରାଗଲା ସେତେବେଳେ କୁହାଗଲା ଯେ ଏହି ରୋଲ୍ ପାଇଁ ମୁଁ ପୂରା ଫିଟ୍। ହେଲେ ତା’ ଭିତରେ କ’ଣ ହେଲା କେଜାଣି ମୋତେ କାଷ୍ଟିଂରୁ ଆଉଟ୍ କରିଦିଆଗଲା। ତାହାର ପ୍ରକୃତ କାରଣ ମୁଁ ଜାଣିପାରୁନି କି ଆଉ ସେଥିରେ ମୁଣ୍ଡ ଖେଳାଇବାକୁ ଚାହୁଁନି।

## ପ୍ରଥମ ରୋଜଗାର



ସ୍ତମ୍ଭକାର ତଥା ନିମାପଡ଼ା ତହସିଲଦାର **କମଲଜିତ୍ ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ଅନାଥାଶ୍ରମକୁ ଦାନ କରିଥିଲି

ଜଗତ୍‌ସିଂହପୁରସ୍ଥିତ ବାଲିଆ ଗାଁରେ ମୋର ଜନ୍ମ। ଯଶୋବନ୍ତ ବିଦ୍ୟାପୀଠରୁ ୧୯୯୬ରେ ମାଟ୍ରିକ୍ ପାସ୍ କରିବା ପରେ ରେଭେନ୍‌ଶାରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପଢିଥିଲି। ତା'ପରେ ବାଣୀବିହାରରେ ପଲିଟିକାଲ୍ ସାଇନ୍ସରେ ଏମ୍‌ଏ କରି ଗୋଲ୍ଡ ମେଡାଲ୍ ପାଇବା ସହ ଏମ୍.ଫିଲ୍ ବି କଲି। ଏହାପରେ ଜବାହର୍‌ଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ ପିଏଚ୍.ଡି. କରିବା ସଙ୍ଗେସଙ୍ଗେ ୟୁଜିସି ପରୀକ୍ଷା ବି ଦେଲି। ୟୁଜିସି ପରୀକ୍ଷାରେ ସଫଳତା ପାଇବାରୁ କୋଲକାତା ୟୁନିଭର୍ସିଟି ଅନ୍ତର୍ଗତ ଫକୀରଚାନ୍ଦ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର୍ ଭାବେ ମୋତେ ନିଯୁକ୍ତି ମିଳିଗଲା। ଏଠାରୁ ପ୍ରଥମ ମାସ ଯେଉଁ ଦରମା ପାଇଲି, ସେଥିରୁ କିଛି ଟଙ୍କାରେ ଠାକୁରଙ୍କ ପାଖେ ଭୋଗ କଲି। ତା'ପରେ ଉନ୍ନତି ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ(ଯିଏକି ଅନାଥ ପିଲାମାନଙ୍କ ପାଠପଢା ଖର୍ଚ୍ଚ ବହନ କରିଥାଏ)କୁ କିଛି ଟଙ୍କା ଦାନ କଲି। ଆଉ ଯାହା ବଳିଲା ମା'ଙ୍କୁ ଆଣି ଦେଲି। ପ୍ରାୟ ୪ ବର୍ଷ ଏଠାରେ କାମ କଲି। ଅବଶ୍ୟ ତା' ଭିତରେ ଓଏଏସ୍ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇସାରିଥିଲି। ତେଣୁ ୪ ବର୍ଷ ପରେ ଚାକିରି ଛାଡି ଆସି ନୟାଗଡ଼ ଜିଲା ଓଡଗାଁ ବ୍ଲକ୍‌ରେ ବିଡିଓ ଭାବେ ଜଏନ୍ କଲି। ଏଠାରେ ୩ ବର୍ଷ ରହିବା ପରେ ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ୍‌କୁ ମୋର ଟ୍ରାନ୍ସଫର୍ ହେଲା। ସେଠାରୁ ପୁଣି ୪ବର୍ଷ ପରେ ନିମାପଡ଼ା ତହସିଲ୍‌କୁ ତହସିଲ୍‌ଦାର ଭାବେ ବଦଳି ହୋଇ ଆସିଲି, ଯେଉଁଠାରେ ଏବେ ବି କାର୍ଯ୍ୟରତ। ସୂଚନାଯୋଗ୍ୟ, ନିମାପଡାରେ ବର୍ତ୍ତମାନ ତହସିଲ୍‌ଦାର୍ ସହିତ ବିଡିଓ ଦାୟିତ୍ୱ ବି ତୁଲାଉଛି। ଚାକିରି ଜୀବନ ବାଦ୍ ଲେଖାଲେଖିରେ ରୁଚି ରହିଛି। କଲେଜ ପଢାବେଳୁ ଆଜିଯାଏଁ ସାମ୍ପ୍ରତିକ, ଅର୍ଥନୈତିକ, ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ବିଷୟବସ୍ତୁକୁ ନେଇ ଅନେକ ସ୍ତମ୍ଭ ଲେଖିସାରିଲିଣି। ୟା'ଭିତରେ ବିଭିନ୍ନ ଖବରକାଗଜରେ ପ୍ରାୟ ୧୩୦ରୁ ଊର୍ଦ୍ଧ୍ୱ ସ୍ତମ୍ଭ ମୋର ପ୍ରକାଶ ପାଇସାରିଲାଣି। ତା'ସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ମୋର ଅନେକ ଲେଖା ପ୍ରକାଶିତ ହୋଇସାରିଲାଣି। ସେହିପରି ଦୁଇଟି ଇଂଲିଶ ପୁସ୍ତକ 'ପଭର୍ଟି ଇସୁଜ୍ ଆଣ୍ଡ ଚାଲେଞ୍ଜେସ୍' ଏବଂ 'ଲାଇଭ୍‌ଲିହୁଡ୍ ସିକ୍ୟୁରିଟି ଆଣ୍ଡ ଗଭର୍ନାନ୍ସ' ବି ମୋର ପ୍ରକାଶ ପାଇସାରିଛି। ଏମ୍.ଫିଲ୍ ପଢିବା ସମୟରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅଞ୍ଚଳରେ ରହୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଜୀବନ ଓ ଜୀବିକା ଉପରେ ମୁଁ ରିସର୍ଚ୍ଚ କରୁଥିଲି। ଏଥିପାଇଁ ମୋତେ ଫେଲୋଶିପ୍ ବି ମିଳିଥିଲା। ଏପରିକି ମୋ ରଚିତ ପୁସ୍ତକ 'ପଭର୍ଟି ଇସୁଜ୍ ଆଣ୍ଡ ଚାଲେଞ୍ଜେସ୍' ମଧ୍ୟ ଏହି ବିଷୟବସ୍ତୁ ଉପରେ ପର୍ଯ୍ୟବସିତ। ଏସବୁ ବ୍ୟତୀତ ସାଉଥ୍ ଏସିଆ ପଲିଟିକ୍ସ ନାମକ ଜର୍ନାଲ୍‌ରେ ୬ଟି ଏବଂ ଓଡ଼ିଶା ରିଭ୍ୟୁରେ ୨ଟି ଆର୍ଟିକିଲ୍ ବି ମୋର ପ୍ରକାଶ ପାଇସାରିଛି।

# ନୂଆ ନୂଆ ଲଭ୍ କୁତୁକୁତୁ ଲାଗେ ଅଲଣିଆ ପ୍ୟାର୍ ପିତା, ଶାଳୀର ପୀରତି ରସଗୋଲା ପରି ପତ୍ନୀ ପ୍ରେମ ଲାଗେ ଖଟା

**ପ୍ରଶ୍ନ**—ମୋ ବାହାଘର ଦୁଇବର୍ଷ ହୋଇଛି। ହେଲେ ୟା ଭିତରେ ମୋ ଶାଳୀ ପ୍ରେମରେ ମୁଁ ପାଗଳ। ତାକୁ ଭଲ ପାଇ ମୁଁ କ'ଣ ଭୁଲ କରିଛି ?

*–ପ୍ରଭାତ ସାହୁ, ଦେବଗଡ଼*

**ଉତ୍ତର :** 'ନୂଆ ନୂଆ ଲଭ୍ କୁତୁକୁତୁ ଲାଗେ ଅଲଣିଆ ପ୍ୟାର ପିତା, ଶାଳୀର ପୀରତି ରସଗୋଲା ପରି ପତ୍ନୀ ପ୍ରେମ ଲାଗେ ଖଟା।' ଶାଳୀ ପ୍ରେମରେ ଉବୁଟୁବୁ ହେବାକୁ ଭାରି ମଜାଲାଗେ। ହେଲେ ଯେତେବେଳେ ସେହି ପ୍ରେମର ଜୁଆରରେ ଦାମ୍ପତ୍ୟ ଜୀବନଟି ଭୁଶୁଡି ପଡେ ସେତେବେଳେ ନିଜ ଆଖିରୁ ଲୁହ ପୋଛିବାକୁ ପାଖରେ କେହି ନ ଥାନ୍ତି। ଆପଣ ଯେଉଁ ପ୍ରଶ୍ନ ପଚାରିଛନ୍ତି ସେ କଥା ଥରେ ନିଜ ହୃଦୟକୁ ପଚାରନ୍ତୁ। ବୈବାହିକ ଜୀବନ ଦିନ କେଇଟା ନ ଯାଉଣୁ ଆପଣ ସେଥିରେ ନିଆଁ ଚେଙ୍ଗିବାକୁ ଚେଷ୍ଟା କରୁଛନ୍ତି। ଏହି କଥା ଯେ କେତେ ବିସ୍ଫୋରକ ତାହା ଥରେ ଚିନ୍ତା କରନ୍ତୁ। ବେଳ ଥାଉ ସାବଧାନ ହୁଅନ୍ତୁ। ନ ହେଲେ ନିଜ କର୍ମ ଫଳ ନିଜେ ହିଁ ଭୋଗିବେ।

**ପ୍ରଶ୍ନ**—କହିବେ କି ସାଥୀ, ଫ୍ଲାଇଙ୍ଗ କିସ୍ ଏବଂ କିସ୍ ମଧ୍ୟରେ କି ପାର୍ଥକ୍ୟ ଥାଏ ?

*–ବିଜୁ ସାହୁ, ଭୂମିକା ଭେରାଇଟି ଷ୍ଟୋର, ନାଗବାଲି ବଜାର, କଟକ*

**ଉତ୍ତର :** ଏହି ଦୁଇଟାରେ ଭାରି ମଜା ତ ଲାଗେ। ହେଲେ ଦୁଇ ପଟରୁ ସିଗନାଲ ଠିକ୍ ରହିବା ଦରକାର। ଯଦି ଏକତରଫା ହୋଇଗଲା ତେବେ ତାହାର ପରିଣାମ କ'ଣ ହେବ ଟିକେ ଚିନ୍ତା କରନ୍ତୁ ନା ! ବାସ୍, ଯଦି ଦୁହିଁଙ୍କ ଭିତରେ ବହି ଠିକ୍ ଭାବରେ ଫିଟ୍ ହୋଇଛି ତେବେ ଆଗେଇ ପାରନ୍ତି। ଯଦି ନିଜର ମନସ୍କାମନା ପୂରଣ କରିବାକୁ ଏପରି କରୁଛନ୍ତି ତେବେ ହଜାରେ ଥର ଚିନ୍ତା କରନ୍ତୁ।

**ପ୍ରଶ୍ନ**—ନାରୀ ଯେବେ ପ୍ରେମ କରେ ଶିଶୁ ଭଳି ଆଉ ଘୃଣା କରେ ପଶୁ ଭଳି। କାହିଁକି ?

*–ଅବିନାଶ ଜେନା,ରାଜକନିକା, କେନ୍ଦ୍ରାପଡ଼ା*


**ଉତ୍ତର :** ପ୍ରେମ ଆଉ ଘୃଣା ଦୁଇଟି ଭିନ୍ନ ଜିନିଷ। ପ୍ରେମର ମଜା କେଉଁଠି ନାହିଁ। ହେଲେ ଯେତେବେଳେ ଘୃଣା କଥା ଉଠେ ସେତେବେଳେ ମନରେ ଶତାଧିକ ନେଗେଟିଭ ଚିନ୍ତାଧାରା ସ୍ୱତଃ ସୃଷ୍ଟି ହୁଏ। ଯେତେବେଳେ ପ୍ରେମ ଘୃଣାରେ ରୂପାନ୍ତରିତ ହୁଏ ସେତେବେଳେ ତା' ପଛରେ ନିଶ୍ଚୟ କିଛି କାରଣ ଥାଏ। ତେଣୁ ପ୍ରେମରେ ହାତେ ମାପି ଚାଖଣ୍ଡେ ଚାଲିବାକୁ ପଡିଥାଏ।


**ପ୍ରଶ୍ନ**—ପ୍ରେମକୁ ସଦାବେଳେ ପବିତ୍ର କୁହାଯାଉଥିବା ବେଳେ ଆଜିର ଦୁନିଆରେ ଏହା ଏକ ଟାଇମ୍ ପାସ୍ ପାଲଟି ଯାଇଛି। କାହିଁକି ?

*–ସଂଗ୍ରାମ କେଶରୀ ସାହୁ, ନୟାଗଡ଼*

**ଉତ୍ତର :** ପ୍ରେମ ସବୁବେଳେ ଶାଶ୍ୱତ। ଏହା ନିର୍ମଳ ଆକାଶ ପରି ସ୍ୱଚ୍ଛ। ହେଲେ ନିଜର ମନର ଆଶାକୁ ପୂରଣ କରିବାକୁ ପ୍ରେମକୁ କେତେକ ଭିନ୍ନ ଅର୍ଥରେ ନେଇଥାଆନ୍ତି। ପ୍ରେମର ରାସ୍ତା ଯେତେବେଳେ ବଦଳିଯାଏ ସେତେବେଳେ ତାହାର ଫଳ କ'ଣ ହୁଏ ତାହା ଆକଳନ କରିବା କଷ୍ଟକର। ଏକଥା ସତ ଆଜିକାଲି କେତେକ ପ୍ରେମକୁ ଟାଇମ୍‌ପାସ୍ ଭାବରେ ଦେଖୁଛନ୍ତି। ହେଲେ ଲାଭ କ'ଣ ? ପ୍ରେମରୁ କ୍ଷଣିକ ଆନନ୍ଦ ପାଇବା ପରେ ସେମାନଙ୍କ ମନ ପୁଲକିତ ହୋଇଉଠୁଛି। ହେଲେ ତାହା ମାଗିଆଣିଲା ତିଅଣ ପରି। ସେହି ପ୍ରେମ ଭସା ବାଦଲ ପରି କୁଆଡେ ଚାଲିଯିବ ତାହା କେବେ ନିଜେ ଚିନ୍ତା କରିପାରିବେ ନାହିଁ।








# ପଟୌଦୀ ପାଲେସ୍



**ସବୁ ବିବାହିତ ଦମ୍ପତି ଏକ ସୁନ୍ଦର ମହଲ ପରି ଘରର ସ୍ୱପ୍ନ ଦେଖନ୍ତି। ହେଲେ ଅନେକ ସମୟରେ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଏ। କିନ୍ତୁ ବଲିଉଡ୍‌ର ହଟ୍ ଓ ଗ୍ଲାମର୍ସ କପଲ୍ ସୈଫ ଓ କରୀନା, ଯେକି ସୈଫିନା ନାମରେ ପରିଚିତ ତାଙ୍କର ଏମିତି ଏକ ମହଲ ଅଛି ଯାହାକୁ ଦେଖିଲେ ପାଟିରୁ ଆପେ ବାହାରିଯିବ ୱାଓ । ତା'ର ନାଁ ହେଉଛି ପଟୌଦୀ ପାଲେସ୍...**



ସୈଫ ହେଉଛନ୍ତି ପଟୌଦୀର ୧୦ମ ନୱାବ। ତାଙ୍କ ଜେଜେବାପା ୮ମ ନୱାବ ଇଫତିଖର ଅଲି ଖାଁ ପଟୌଦୀ ତିଆରି କରିଥିଲେ ସୁନ୍ଦର 'ପଟୌଦୀ ପାଲେସ୍'। ସେହି ପାଲେସ୍‌ର ଉତ୍ତରାଧିକାରୀ ହେଉଛନ୍ତି ସୈଫ। ତେବେ ହରିୟାଣାରେ ଥିବା ଏହି ପ୍ରାସାଦ ସୈଫଙ୍କର ହେବା ପୂର୍ବରୁ କିନ୍ତୁ ଏହା ହେରିଟେଜ୍ ହୋଟେଲ ତଥା ନିମରନ୍ ହୋଟେଲର ଏକ ଶାଖା ଥିଲା। ସୈଫଙ୍କ ବାପା ମନସୁର ଅଲି ଖାଁ ପଟୌଦୀ ଏହାକୁ ଲିଜ୍‌ରେ ଦେଇଥିଲେ। ୨୦୧୪ରେ ସୈଫ ପୁଣି ତାହାକୁ ନିଜର କରିନେଲେ। ଏହି ପାଲେସ୍‌ର ମୂଲ୍ୟ ୮୦୦ କୋଟିରୁ ଊର୍ଦ୍ଧ୍ୱ। ଏହା 'ଇବ୍ରାହିମ୍ କୋଠି' ନାମରେ ବି ପରିଚିତ। ଏଥିରେ ୧୫୦ଟି କୋଠରି ଅଛି। ଯେଉଁଥିରେ ୭ଟି ଡ୍ରେସିଂ ରୁମ୍, ୭ଟି ବେଡ୍‌ରୁମ୍, ୭ଟି ବିଲିୟାର୍ଡ ରୁମ୍, ଡ୍ରଇଂ ରୁମ୍ ସହ ଡାଇନିଂ ରୁମ୍ ଅଛି। ୧୦ ଏକର ପରିମିତ ଅଞ୍ଚଳରେ ଏହା ରହିଛି। ପୂର୍ବେ ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ଚାକରଚାକରାଣୀ କାମ କରୁଥିଲେ। ଦିଲ୍ଲୀର କନୌଟ୍ ପ୍ଲେସ୍, ତିନ ମୂର୍ତ୍ତି ଭବନ ସହ ଆହୁରି ଅନେକ ବିଲ୍ଡିଂ ନିର୍ମାଣ କରିଥିବା ତଥା ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟର ମୁଖ୍ୟ ଆର୍କିଟେକ୍ଟର ରବର୍ଟ ଟର୍ ରସେଲ୍ ହେଉଛନ୍ତି ଏହି ପାଲେସ୍‌ର ମୁଖ୍ୟ ଆର୍କିଟେକ୍ଟ। ଏହାକୁ କଲୋନିଆଲ୍ ମାନସନ୍ ଅଫ୍ ଇମ୍ପେରିଆଲ ଦିଲ୍ଲୀ ଶୈଳୀରେ ନିର୍ମାଣ କରାଯାଇଛି। ଏହାର ଇଣ୍ଟେରିୟର୍ ଏକ୍ସଟେରିୟର୍ ଅପେକ୍ଷା ଅଧିକ ସୁନ୍ଦର। ପାଲେସ୍‌ଟି ଖୁବ ଆକର୍ଷକ ହୋଇଥିବାରୁ ଏଠାରେ ଚଳଚ୍ଚିତ୍ର ବି ଶୁଟିଂ ହୋଇଛି। ପାଲେସ୍ ପରିସରରେ ଅନେକ ବଡ ବଡ ପଡିଆ ରହିଛି। ଅନେକ ଗ୍ୟାରେଜ୍ ଓ ଘୋଡାଶାଳ ବି ରହିଛି। ଘୋଡା ଚାଳନା କରିବାକୁ ଏଠି ବେଶ୍ ମଜା ଲାଗେ। ମହଲ ଭିତରେ ଏକ ରୟାଲ୍ କର୍ନର ଅଛି। ଯେଉଁଠି ରାଜପରିବାରର ସମସ୍ତ ସଦସ୍ୟଙ୍କ ଫଟୋ ରହିଛି। କାନ୍ଥରେ ନୱାବମାନଙ୍କର ବଡ ବଡ ଚିତ୍ର ଟଙ୍ଗାଯାଇଛି। ଏହିସବୁ ଫଟୋ ମହଲର ସୁନ୍ଦରତା ସହ ଗୁରୁତ୍ୱ ବଢାଇଥାଏ। ବଗିଚାର ଦୃଶ୍ୟ ବି ମହଲ ପରି ବେଶ୍ ରାଜକୀୟ। ସବୁଜିମା ମଧ୍ୟରେ ବସିବା ପାଇଁ ହୋଇଥିବା ସୁନ୍ଦର ଶୁଟିଂ ଆରେଞ୍ଜମେଣ୍ଟ ମନ ମୋହିନିଏ। ସୈଫ ଓ କରୀନା ପୁଅ ତୈମୁର ସହ ଏଠାକୁ ଛୁଟି ବିତାଇବାକୁ ଯାଇଥାଆନ୍ତି। ତୈମୁରର ପ୍ରଥମ ଜନ୍ମଦିନ ମଧ୍ୟ ଏଠାରେ ପାଳିତ ହୋଇଥିଲା।





ଶ୍ରଦ୍ଧା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମିଟୁ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଝିଟିପିଟି

ଶିକ୍ଷକ–ଝିଟିପିଟି କ'ଣ ?
ଗୋଲୁ– ଝିଟିପିଟି ଏକ ଗରିବ କୁମ୍ଭୀର, ଯାହାକୁ ପିଲାଦିନେ ବର୍ନଭିଟା ଖାଇବାକୁ ମିଳି ନ ଥିଲା। ଆଉ ସେ କୁପୋଷଣର ଶିକାର ହୋଇ ଶୁକୁଟିଗଲା।

## ଡିଗ୍ରି

ଭିକାରି– ଭଗବାନଙ୍କ ନାଁରେ କିଛି ଦେଇଦିଅ ବାବା।
ଯୁବକ– ଏଇ ନେଇଯାଅ ମୋର ଇଞ୍ଜିନିୟରିଂ ଡିଗ୍ରି।
ଭିକାରି– ତମେ ମତେ କନ୍ଦେଇବ ନା କ'ଣ ? ତମକୁ ଦରକାର ଯଦି ଏଇ ନେଇଯାଅ ମୋର ଏମ୍‌ବିଏ ଡିଗ୍ରି।

## ସୁନ୍ଦର

ସ୍ତ୍ରୀ ସ୍ୱାମୀଙ୍କୁ ନୂଆ ଶାଢ଼ି ପିନ୍ଧି– ହେଇଟି, ମୁଁ କେମିତି ଦେଖାଯାଉଛି ?
ସ୍ୱାମୀ–ସୁନ୍ଦର।
ସ୍ତ୍ରୀ– କହନ୍ତୁ, କେତେ ସୁନ୍ଦର।
ସ୍ୱାମୀ–ଏତେ ସୁନ୍ଦର ଯେ, ଇଚ୍ଛା ହେଉଛି ତମଭଳି ଆଉଜଣଙ୍କୁ ବାହା ହେଇଯିବି।





# ଦେବୀ ସିଦ୍ଧ ଭୈରବୀ



ଗଞ୍ଜାମ ଜିଲାର ବ୍ରହ୍ମପୁରରୁ ସଡ଼କପଥରେ ପ୍ରାୟ ୧୨ କି.ମି. ଗଲାପରେ ପଡ଼େ ଗୋଳନ୍ଥରା ଛକ; ସେଠାରୁ ପୂର୍ବ ପଟକୁ ଗୋଟିଏ ଶାଖା ରାସ୍ତା ଯାଇଛି ହରଡଙ୍ଗ ଗ୍ରାମକୁ। ମନ୍ଦିରକୁ ଯିବା ପୂର୍ବରୁ ଗ୍ରାମର ସୀମାନ୍ତରେ ପଡେ ଦେବୀ ସିଦ୍ଧ ଭୈରବୀଙ୍କ ପୀଠ। ତେବେ ଏହି ପୀଠରେ କେବଳ ସିଦ୍ଧ ଭୈରବୀ ପୂଜା ପାଆନ୍ତି ତାହା ନୁହେଁ, ଏଠାରେ ଏକ ଜଗନ୍ନାଥ ମନ୍ଦିର ବି ରହିଛି। ତା'ଛଡ଼ା ଏଠାରେ ଏକ ଉପବନ ରହିଛି, ଯାହାର ଚାରିପଟେ ଅଛି ଛୋଟବଡ଼ ଏକାଧିକ ମନ୍ଦିର।

### ଦେବୀଙ୍କ ଆବିର୍ଭାବକୁ ନେଇ ଲୋକକଥା

ଭୈରବୀ ପୀଠରେ ପହଞ୍ଚିବାର ଦୁଇ ତିନି କି.ମି. ପୂର୍ବରୁ ହାତଗଣତି କେତୋଟି ପର୍ବତ ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ଗୋଟିଏ ପର୍ବତର ନାମ ପାଲୁର୍ ପର୍ବତ, ଯାହାକୁ ଦେବୀ ସିଦ୍ଧ ଭୈରବୀଙ୍କ ଆଦ୍ୟ ବାସସ୍ଥଳୀ ବୋଲି କୁହାଯାଏ। ଜନଶ୍ରୁତି ଅନୁଯାୟୀ, ଦେବୀ ଭୈରବୀ ବହୁ ବର୍ଷ ପୂର୍ବେ ପାଲୁର୍ ପର୍ବତରେ ନିବାସ କରୁଥିଲେ। ଦିନେ ଋଷି ଭରଦ୍ୱାଜ ପର୍ବତ ପାଖ ଦେଇ ଯାଉଥିବାବେଳେ ଦେବୀଙ୍କ ଉଜ୍ଜ୍ୱଳ, ଦୀପ୍ତିମୟ ମୂର୍ତ୍ତି ଦେଖି ଆଶ୍ଚର୍ଯ୍ୟ ହେଲେ ଓ ଦେବୀଙ୍କୁ ଧ୍ୟାନ କଲେ। ତାଙ୍କର ଦୀର୍ଘ ସାଧନାରେ ସିଦ୍ଧ ଭୈରବୀ ପ୍ରସନ୍ନ ହୋଇ ନିମ୍ନ ଭୂମିକୁ ଆସିବା ପାଇଁ ସମ୍ମତି ଜଣାଇଥିଲେ। କାରଣ ନରନାରୀଙ୍କ ତାରଣଦାତ୍ରୀର ଭୂମିକା ନିଭେଇବା ପାଇଁ ଦେବୀଙ୍କର ଧରାପୃଷ୍ଠକୁ ଅବତରଣ କରିବା ଅପରିହାର୍ଯ୍ୟ ଥିଲା। ସେହି ଲକ୍ଷ୍ୟରେ ଦେବୀ ପଥର ପ୍ରତିମା ହୋଇ ପଡି ରହିଲେ ହରଡଙ୍ଗ ଗାଁର ଏକ କୃଷି ଜମିରେ। ଉକ୍ତ ଜମିର କୃଷକ ଜମି ଚାଷ କରିବା ସମୟରେ ଲଙ୍ଗଳ ମୁନରେ ରକ୍ତ ଲାଗିଥିବା ଦେଖି ଭୟଭୀତ ହୋଇ ଚାଷ କାମ ଅଧାରେ ଛାଡି ଘରକୁ ଚାଲି ଆସିଲେ। ସେହି ରାତିରେ ଦେବୀ କୃଷକଙ୍କୁ ସ୍ୱପ୍ନେଇ ନିଜ ଉପସ୍ଥିତି ସୂଚେଇଲେ। ତା'ପରଦିନ କୃଷକ ଗାଁଲୋକଙ୍କୁ ସ୍ୱପ୍ନ ବୃତ୍ତାନ୍ତ କହିବା ପରେ, ସମସ୍ତେ ମିଶି ଦେବୀଙ୍କର ଏକ ମନ୍ଦିର ଗଢିଲେ। ସେବେଠାରୁ ପ୍ରତ୍ୟକ୍ଷ ଦେବୀ ଭାବେ ସିଦ୍ଧ ଭୈରବୀ ଏଠାରେ ପୂଜା ପାଇ ଆସୁଛନ୍ତି।

### ଦେବୀଙ୍କ ବିଗ୍ରହ

ଏକ ପଥରରେ ଖୋଦେଇ କରି ତହିଁରେ ସିଦ୍ଧ ଭୈରବୀଙ୍କୁ ରୂପାୟିତ କରାଯାଇଛି। ଦେବୀଙ୍କୁ ଏକପାଦ ସମ୍ୱଳିତ ଅଥଚ ଚତୁଃହସ୍ତ ବିଶିଷ୍ଟ କରାଯାଇଛି। ଦେବୀ ଧରିଥିବା ସମସ୍ତ ଆୟୁଧ ସ୍ପଷ୍ଟ ନହେଲେ ବି ଏକ ହସ୍ତରେ ସେ ଧରିଥିବା ଖଡ୍‌ଗକୁ ଭକ୍ତମାନେ ସାମାନ୍ୟ ଦେଖିପାରନ୍ତି। ପ୍ରତିମାର ସ୍କନ୍ଧରେ ରହିଛି ଏକ କ୍ଷତ ଚିହ୍ନ। ଲୋକକଥା ଅନୁଯାୟୀ, କୃଷକର ଲଙ୍ଗଳ ମାଡ଼ର ଏହା ନିଦର୍ଶନ ବୋଲି କୁହାଯାଏ। ତେବେ ଦେବୀଙ୍କ ଅସଲ ବିଗ୍ରହଙ୍କୁ ସାଧାରଣତଃ ଦେଖିହୁଏନି, କାରଣ ପ୍ରାତଃସ୍ନାନ ପରେ ପୂଜିତ ପିତୁଳାଙ୍କୁ ଢାଙ୍କି ଦିଆଯାଇଥାଏ ଫୁଲରେ। ଏଣୁ ମନ୍ଦିର ଗର୍ଭ ଗୃହରେ ଦର୍ଶନାର୍ଥୀମାନେ ଦେଖିପାରନ୍ତି ଏକ ଚଳନ୍ତି ପ୍ରତିମା। ଅଷ୍ଟଧାତୁରେ ନିର୍ମିତ ଦେବୀଙ୍କର ଏକ ସୁନ୍ଦର ମୁଖାବୟବକୁ ଚଳନ୍ତି ପ୍ରତିମା ଭାବେ ଏଠାରେ ପୂଜା କରାଯାଇଥାଏ।

### ଦେବୀଙ୍କ ମହିମା

ଦେବୀଙ୍କ ମହିମା ସମ୍ପର୍କରେ ମଧ୍ୟ ଅନେକ ଲୋକକଥା ଶୁଣିବାକୁ ମିଳିଥାଏ। ଭୈରବୀ ପୀଠରୁ କିଛି କି.ମି. ଦୂରରେ ସୋରଳା, ସୁମାଣ୍ଡି ଅବସ୍ଥିତ, ଯେଉଁଠାରେ ଲୁଣ ଉତ୍ପାଦିତ ହୁଏ। ଏକଦା ଜଣେ ନବାବ୍ ଏକ ଲୁଣଜମିର ମାଲିକ ଥିଲେ। ଅବଶ୍ୟ ନବାବ୍ ସେଠାରେ ରହୁ ନ ଥିଲେ, କିନ୍ତୁ ଲୁଣ ବ୍ୟବସାୟ ପାଇଁ ସେ କିଛି କର୍ମଚାରୀ ନିଯୁକ୍ତ କରିଥିଲେ। ଥରେ ହିସାବ ପୋଥି (ତାଳପତ୍ର ତିଆରି ପୋଥି) ତାଙ୍କର ହଜି ଯାଇଥିଲା। ହିସାବ ବିବରଣୀ ଗୁରୁତ୍ୱପୂର୍ଣ୍ଣ ଥିବାରୁ ନବାବ ବିଚଳିତ ହୋଇପଡିଲେ। ନବାବ୍‌ଙ୍କ ଜଣେ ବିଶ୍ୱସ୍ତ କର୍ମଚାରୀ ତାଙ୍କୁ ସିଦ୍ଧ ଭୈରବୀଙ୍କର ଶରଣାପନ୍ନ ହେବାକୁ କହିଲେ। ନବାବ୍ ଦେବୀଙ୍କର ପୂଜାର୍ଚ୍ଚନା କଲେ ଏବଂ ଧ୍ୟାନସ୍ଥ ହେଲେ। ଦେବୀଙ୍କ କରୁଣାରୁ କିଛିଦିନ ପରେ ନବାବ୍ ତାଙ୍କର ହିସାବ ପୋଥିକୁ ସମୁଦ୍ରରେ ଭାସୁଥିବାର ଦେଖି ପାଇଥିଲେ।

### ଦେବୀଙ୍କ ପୂଜାବିଧି

ମା' ପରମ ବୈଷ୍ଣବୀ। ପ୍ରତିଦିନ ଦେବୀଙ୍କର ତିନିଥର ଭୋଗ ହୁଏ। ବାଳଭୋଗରେ ଦେବୀଙ୍କୁ ଅର୍ପଣ ହୁଏ ଲଡୁ। ଦି'ପହର ଭୋଗରେ ସମର୍ପଣ ହୁଏ ଅରୁଆ ଅନ୍ନ, ଡାଲି, ବେସର, ଶାଗ ଏବଂ ଆମ୍ବିଳ। ରାତି ଭୋଗରେ ମଧ ଦି'ପହର ଭୋଗପରି ରନ୍ଧନ ସାମଗ୍ରୀ ଅର୍ପଣ ହୁଏ। ପ୍ରତି ସଂକ୍ରାନ୍ତି ନିଶାର୍ଦ୍ଧରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କରାଯାଏ। ନବରାତ୍ର ଓ ମେରୁ ସଂକ୍ରାନ୍ତି ଏଠାକାର ପ୍ରସିଦ୍ଧ ପର୍ବ।

*ତଥ୍ୟ –ଶକ୍ତି ପ୍ରସାଦ ଦାସ*
*ଫଟୋ–ରାମକୃଷ୍ଣ ସାହୁ*



# ରଙ୍ଗୋଲିର ଯାଦୁକର





ହିନ୍ଦୁଧର୍ମରେ ରଙ୍ଗୋଲିର ସ୍ଥାନ ସ୍ୱତନ୍ତ୍ର। ପ୍ରତ୍ୟେକ ଶୁଭ ଅବସରରେ ଏହା ଘରେ ଘରେ ଶୋଭାପାଇଥାଏ। ଝିଅବୋହୂମାନେ ରଙ୍ଗିନ ରଙ୍ଗୋଲି ତିଆରିକରି ଘରକୁ ଅଧିକ ପାର୍ବଣମୟ କରିଥାଆନ୍ତି। ଆଉ ଏହାକୁ ଏକ ମହିଳା ପ୍ରଧାନ କାର୍ଯ୍ୟ ବୋଲି ଧରାଯାଇଥାଏ। ତେବେ ମଧ୍ୟପ୍ରଦେଶର ସେନ୍ଧୱାର ରାହୁଲ ସ୍ୱାମୀ କେବଳ ଯେ, ରଙ୍ଗୋଲି କରିବାର ସଉକ ରଖନ୍ତି ତାହା ନୁହେଁ, ଏଥିରେ ସେ ରେକର୍ଡ ବି କରିଛନ୍ତି। ୧୭ ବର୍ଷ ବୟସରୁ ସେ ରଙ୍ଗୋଲିର ରଙ୍ଗରେ ଖେଳିବା ଆରମ୍ଭ କରିଦେଇଥିଲେ। ସେ ଏମିତି ଜଣେ ରଙ୍ଗର ଯାଦୁକର ଯେ, ତାଙ୍କର ସ୍ୱତନ୍ତ୍ର ପ୍ୟାଟର୍ନ ଓ ଡିଜାଇନରେ ରଙ୍ଗୋଲିଗୁଡ଼ିକ ଜୀବନ୍ତ ହୋଇଯାଏ। ଆଉ ସେ ଖୁବ୍ କମ୍ ସମୟରେ ଓ ଏତେ ସରଳତାରେ ତାହା କରନ୍ତି ଯେ, ଲାଗେ ସତେ ଯେମିତି ତାଙ୍କ ଭଳି ରଙ୍ଗୋଲି ସମସ୍ତେ କରିପାରିବେ। ହାତ ବୁଲାଇଦେବା ମାନେ ସେ ଏକ ସୁନ୍ଦର ଡିଜାଇନ ତିଆରି କରିଦିଅନ୍ତି। ତାଙ୍କର ରଙ୍ଗୋଲି କରିବା ଶୈଳୀ ଦେଖିବାକୁ ସହଜ ଲାଗିପାରେ। ହେଲେ ସମସ୍ତଙ୍କ ପକ୍ଷେ ତାହା ସମ୍ଭବ ନୁହେଁ। ଖୁବ୍ କମ୍ ସମୟରେ ବିରାଟକାୟ ରଙ୍ଗୋଲି ତିଆରି କରିପାରୁଥିବାରୁ ସେ ଲିମ୍କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ସେ ୧୦ ବର୍ଗ ଫୁଟ୍ ଅଞ୍ଚଳରେ ମାତ୍ର ୧୦ ମିନିଟ୍‌ରେ ୧୩ କି.ଗ୍ରା. ରଙ୍ଗ ବ୍ୟବହାରକରି ବିରାଟକାୟ ରଙ୍ଗୋଲି ତିଆରି କରିପାରନ୍ତି। ଆଜିପର୍ଯ୍ୟନ୍ତ ସେ ୧୦,୦୦୦ ପ୍ରକାରର ରଙ୍ଗୋଲି ତିଆରି କରିଛନ୍ତି। ଆଉ ସବୁଠୁ ବଡ଼ କଥା ହେଲା ତାଙ୍କର କୌଣସି ରଙ୍ଗୋଲିର ପ୍ୟାଟର୍ନ ସମାନ ନ ଥାଏ। ରାହୁଲଙ୍କ ନାଁରେ ଆଉ ଏକ ରେକର୍ଡ ମଧ୍ୟ ରହିଛି। ସେ ହେଉଛି ୨୪,୦୦୦ ବର୍ଗ ଫୁଟ୍ ଅଞ୍ଚଳ, ଯାହାକି ୪.୫ ବାସ୍କେଟବଲ୍ କୋର୍ଟ ସହ ସମାନ, ସେଠାରେ ସେ ମାତ୍ର ୧୩.୫ ଘଣ୍ଟାରେ ରଙ୍ଗୋଲି କରିଥିଲେ। ସେ ବ୍ୟବହାର କରୁଥିବା ରଙ୍ଗୋଲି ପଦ୍ଧତି 'ଗାଲିଚା ରଙ୍ଗୋଲି' ନାମରେ ପରିଚିତ। ସେ ଏକ ସେଣ୍ଟର ପଏଣ୍ଟରୁ ରଙ୍ଗୋଲି ଆରମ୍ଭକରି ତା' ଚାରିପଟେ ଡିଜାଇନ କରନ୍ତି। ଫ୍ରେମ୍‌ୱାର୍କ ହୋଇଗଲା ପରେ ସେଥିରେ ସେ ରଙ୍ଗ ଭରନ୍ତି। ତାଙ୍କ ରଙ୍ଗୋଲିରେ ବିଭିନ୍ନ ପ୍ୟାଟର୍ନ ସହ ସାମାଜିକ ବାର୍ତ୍ତା, ପ୍ରସିଦ୍ଧ ବ୍ୟକ୍ତିତ୍ୱ ବି ସ୍ଥାନ ପାଇଥାଆନ୍ତି। ରାହୁଲ ଆଶା ରଖିଛନ୍ତି ଦିନେ ସେ ୨,୫୦,୦୦୦ ବର୍ଗଫୁଟ ଅଞ୍ଚଳରେ ରଙ୍ଗୋଲି ତିଆରିକରି ଗିନିଜ୍ ୱାର୍ଲଡ ରେକର୍ଡସରେ ସ୍ଥାନ ପାଇବେ।

## କାର୍ଟୁନ କର୍ନର



# 'ଆକ୍ସନ ଷ୍ଟାର ବାପିଙ୍କ ସହ କେମିଷ୍ଟ୍ରି ଭଲ ଜମେ'



ବାପି-ମନ୍ଦାକିନୀ

ଏମିତି ଜଣେ ଜଣେ ଅଛନ୍ତି ଯେଉଁମାନଙ୍କ ରକ୍ତରେ ଥାଏ ଅଭିନୟ। ସେମାନେ କେବଳ ଜନ୍ମ ହୋଇଥାନ୍ତି ଅଭିନୟ କରିବା ପାଇଁ। ସେମିତି ଜଣେ ବିଚକ୍ଷଣା ଅଭିନେତ୍ରୀ ହେଉଛନ୍ତି ମନ୍ଦାକିନୀ। ବାଲେଶ୍ୱର ପାଟଣାକୁଗୁଡା ଗ୍ରାମରେ ମନ୍ଦାକିନୀଙ୍କ ଜନ୍ମ। ୧୯୮୮-୮୯ରେ ସେ ଜଣେ ଡ୍ୟାନ୍ସର ଭାବରେ ଶାରଳା ଗଣନାଟ୍ୟରୁ ତାଙ୍କର କ୍ୟାରିୟର ଆରମ୍ଭ କରନ୍ତି। ସେତେବେଳେ ତାଙ୍କୁ ହୋଇଥାଏ ମାତ୍ର ୧୧ ବର୍ଷ। 'ବାପଘର ଖେଳ ସରିଗଲା'ରେ ଶିଶୁ କଳାକାର ମୁନ୍ନା ଚରିତ୍ରରେ ସେ ଜୀବନର ପ୍ରଥମଥର ପାଇଁ ମଞ୍ଚକୁ ଆସନ୍ତି। ବାସ୍, ଅଭିନୟ ମିଶିଯାଏ ତାଙ୍କ ରକ୍ତରେ। ଗୌରୀ ଗଣନାଟ୍ୟରେ ଯୋଗଦେବା ପରେ ତାଙ୍କ ଭାଗ୍ୟ ବଦଳିଯାଏ। ଲେଖକ-ନିର୍ଦ୍ଦେଶକ ଇଂ. ଆଶୁତୋଷ ମହାପାତ୍ରଙ୍କ ପ୍ରେରଣା ତାଙ୍କ ପାଇଁ ପାଲଟିଯାଏ ବରଦାନ। 'ବେଳ ବୁଡିଗଲେ ବେବିନା କାନ୍ଦେ'ରେ 'ସ୍ୱାତୀ', 'ଶହେ ମାନସିକ ତୋରି ପାଇଁ'ରେ 'ସୁମନ', 'ବାଜିବ ଲୋ ଶାହାନାଇ'ରେ 'ଡକ୍ଟର ଶାନ୍ତି', 'ବାଟୋଇ ଭାଇ'ରେ 'ଆନି', 'ଆଇ ଆମ୍ ଡନ୍'ରେ 'ଅବନ୍ତିକା' ଆଦି ଭୂମିକା ତାଙ୍କୁ ଜଣେ ପରିପକ୍ୱ ଅଭିନେତ୍ରୀର ମାନ୍ୟତା ଦିଏ ତଥା ଜଲିଉଡ଼ର ଜଣାଶୁଣା ନାୟିକାରେ ପରିଣତ କରିଦିଏ। 'ରୁପାଲି ଛକ ରେପ୍ କେସ୍', 'ପୁରୀରେ ପ୍ରେମିକା କଟକରେ ସ୍ତ୍ରୀ', 'ଭଙ୍ଗା ସିଲଟରେ ଜୀବନ ଅଙ୍କ', 'ବିସ୍ଫୋରଣ-୨୦୧୨' ଆଦି ତାଙ୍କର ଗୋଟିଏ ଗୋଟିଏ ସଫଳ ନାଟକ। ବିଗତ କିଛିବର୍ଷ ଧରି ସ୍ୱାମୀ ତଥା ଅଭିନେତା ସମରେନ୍ଦ୍ର (ଟୁଟୁ)ଙ୍କ ସହ ବାଘାଯତୀନ ଲୋକନାଟ୍ୟରେ ନିଜର ଅଭିନୟ ଜାରି ରଖିଛନ୍ତି ଏହି ଲାସ୍ୟମୟୀ ନାୟିକା। ଜଲିଉଡ୍‌ର ଆକ୍ସନ ଷ୍ଟାର ବାପି ପଣ୍ଡାଙ୍କ ସହ ତାଙ୍କର କେମେଷ୍ଟ୍ରିକୁ ଦର୍ଶକମାନେ କେବଳ ପସନ୍ଦ କରିନାହାନ୍ତି; ଅଧିକନ୍ତୁ ଲୋକପ୍ରିୟତାର ହଲମାର୍କ ମଧ୍ୟ ଦେଇଛନ୍ତି। ଏବେ ଅଭିନୟ ତାଙ୍କ ଜୀବନ। ଅଭିନୟ ତାଙ୍କର ପ୍ରେମ। ଅଭିନୟକୁ ଛାଡ଼ି ଗୋଟିଏ ବି ଦିନ ବଞ୍ଚିପାରିବେ ନାହିଁ ବୋଲି ଏହି ଅଭିନେତ୍ରୀଙ୍କ ମତ। ଅଧିକାଂଶ ନାଟକରେ ନାୟିକା ଭୂମିକାରେ ଆସୁଥିବା ମନ୍ଦାକିନୀଙ୍କର କିନ୍ତୁ ନେଗେଟିଭ ଚରିତ୍ର ଖୁବ୍ ପସନ୍ଦ। କାରଣ ତାଙ୍କ ମତରେ ଏଭଳି ଚରିତ୍ରରେ ଅଭିନୟ କରିବାର ସ୍କୋପ୍ ଅଧିକ ଥାଏ।

# ଟ୍ରାଜେଡି ପ୍ରିୟ ଅଭିନେତା

ଟ୍ରାଜେଡି ବା ଦୁଃଖ କ'ଣ କେବେ କାହାର ପ୍ରିୟ ହୋଇପାରେ ? ହେଲେ ଅଭିନେତା କିଶୋର ସାହୁଙ୍କ ପାଇଁ ଟ୍ରାଜେଡି ଅତି ପ୍ରିୟ। ମଞ୍ଚ ଉପରେ ଟ୍ରାଜେଡି ରୋଲ୍ କରିବାକୁ ସେ ଖୁବ୍ ଭଲପାଆନ୍ତି। ସେ କହନ୍ତି: ଅଭିନୟର ପରାକାଷ୍ଠା ଦୁଃଖ ଦୃଶ୍ୟ ସବୁରେ ଦେଖେଇହୁଏ। ପୁଣି ପ୍ରତ୍ୟେକ ମଣିଷ ଜୀବନର ଦୁଃଖ ଏକ ଅଂଶ। ଏମିତି ମଣିଷଟେ ନାହିଁ ଯାହା ଜୀବନରେ କେବେ ନା କେବେ ଦୁଃଖ ଆସିନାହିଁ। ତେଣୁ ଦୁଃଖ ଦୃଶ୍ୟରେ ଅଭିନୟ କଲେ ଲାଗେ ଯେମିତି ଆଗରେ ବସିଥିବା ଦର୍ଶକମାନଙ୍କ ଦୁଃଖର କିଛିଟା ଉପଶମ କରିପାରୁଛି। ବାଲେଶ୍ୱର ଜିଲାର ଜାମୁଝାଡ଼ି ଅଞ୍ଚଳରେ ଜନ୍ମିତ କିଶୋରଙ୍କର ପିଲାବେଳୁ ଯାତ୍ରା ନାଟକ ପ୍ରତି ରୁଚି ଥିଲା। ସେ ପିଲାବେଳେ ଗାଁ ଡ୍ରାମା ତଥା କ୍ଲବ ଡ୍ରାମାରେ ଅଭିନୟ କରୁଥିଲେ। ସେତିକି ନୁହେଁ ତାଙ୍କ ମାମୁ ରବୀନ୍ଦ୍ର ସାହୁ (ଶାଗୁଣା ବସିଛି ଡେଣା ମେଲେଇର ଲେଖକ) ହେଉଛନ୍ତି ଓଡ଼ିଶାର ଜଣେ ସ୍ୱନାମଧନ୍ୟ ନାଟ୍ୟକାର। ତାଙ୍କର ପ୍ରେରଣା ମଧ୍ୟ କିଶୋରଙ୍କୁ ଯାତ୍ରାକୁ ଆସିବାକୁ ସାହାଯ୍ୟ କରିଥିଲା। ପ୍ରଥମେ ଶକ୍ତିମୟୀ ଲୋକନାଟ୍ୟରେ ଯୋଗ ଦେଇ ସେ ପେସାଦାର ଯାତ୍ରା ଜୀବନ ଆରମ୍ଭ କରିଥିଲେ। ପରେ ପରେ ସାହାଣୀ, ବାଣେଶ୍ୱରୀ, ମହାବୀର ଲୋକନାଟ୍ୟ, ରଶ୍ମିରେଖା ଲୋକନାଟ୍ୟ, ତାରିଣୀ ଗଣନାଟ୍ୟରେ ଯୋଗଦେଇ ସମ୍ପ୍ରତି ଧଉଳି ଗଣନାଟ୍ୟରେ କାର୍ଯ୍ୟ କରୁଛନ୍ତି। ଏ ଯାବତ୍ ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି କାଳନାଗୁଣୀ, ସମୟ କହିବ ଏଇ କାହାଣୀ, ସୀତା ବାନ୍ଧୁଛି ସେତୁବନ୍ଧ, ନୂଆ କାହାଣୀ, କଳିଯୁଗ ରାମାୟଣ, କାଳିଜାଇ କାନ୍ଦେ ସଞ୍ଜ ନଇଁଲେ ଏବଂ ଆହୁରି ଅନେକ। ଚଳିତ ବର୍ଷ ଧଉଳି ଗଣନାଟ୍ୟର ନାଟକ 'କେମିତି କହିବି ଏମିତି କଥା'ରେ ତାଙ୍କୁ ତାଙ୍କର ମନ ପସନ୍ଦର ଭୂମିକା ମିଳିଛି।



କିଶୋର



# ବର୍ଗର୍ ଦାମ୍ ୧୦ ହଜାର ଡଲାର

ଗୋଟିଏ ବର୍ଗର୍‌ର ଦାମ ୧୦ ହଜାର ଡଲାର। କଥାଟି ଶୁଣିବାକୁ ହୁଏତ ଅବିଶ୍ୱସନୀୟ ମନେ ହେଉଥାଇପାରେ। ମାତ୍ର ଏମିତି ହିଁ ହୋଇଥିଲା। ଏହାକୁ ଆମେରିକାର ଏକ କମ୍ପାନୀ ପ୍ରସ୍ତୁତ କରିଥିଲା। ଏପରି କରିବା ପଛରେ ଥିଲା ଗୋଟିଏ ଉଦ୍ଦେଶ୍ୟ - ରେକର୍ଡ! ତେବେ ଆଶ୍ଚର୍ଯ୍ୟ ହେବା ଭଳି କଥା ହେଉଛି ଏଇଆ ଯେ, ଏହି ବର୍ଗରଟିକୁ କିନ୍ତୁ କିଣିବା ପାଇଁ ଲୋକଙ୍କର ଲମ୍ୱା ଧାଡ଼ି ଲାଗିଯାଇଥିଲା। ଏପରି କି ଲୋକମାନେ ନିଲାମ ଧରିବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇ ଯାଇଥିଲେ। କମ୍ପାନୀ ପକ୍ଷରୁ ଏହି ଦାମୀ ବର୍ଗର ବିଷୟରେ ସୋସିଆଲ୍ ନେଟ୍‌ୱର୍କିଂ ସାଇଟ୍‌ଗୁଡ଼ିକରେ ବିସ୍ତୃତ ବିବରଣୀ ଦେବା ପରେ ଲୋକମାନେ ନିଲାମରେ ଏହାକୁ କିଣିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଜଣାଇଥିଲେ। ଏହା ଥିଲା ସବୁଠାରୁ ଅଧିକ ଖର୍ଚ୍ଚରେ ତିଆରି କରାଯାଇଥିବା ବର୍ଗର। ଏଥିରେ ବିଭିନ୍ନ ପ୍ରକାରର ପନିପରିବା ବ୍ୟବହାର କରାଯିବା ସହିତ ନନ୍-ଭେଜ୍‌ର ଫ୍ଲେଭର ମଧ୍ୟ ଦିଆଯାଇଥିଲା।







ବ୍ୟାକ୍ ପେଜ୍



# ଗୋଲ କିପିଂରେ ଏକ୍ସପର୍ଟ କୁକୁର

ଠିକ୍ ତାଲିମ ପାଇଲେ କୁକୁରମାନେ ଅସମ୍ଭବ ମନେହେଉଥିବା ଅନେକ କଷ୍ଟକର ଷ୍ଟଣ୍ଟ କରିପାରନ୍ତି। ତା'ର ଏକ ଉଦାହରଣ ହେଉଛି ଜାପାନର ପ୍ୟୁରିନ୍ ନାମକ ୯ ବର୍ଷୀୟ ଛୋଟିଆ ହାଉଣ୍ଡ ପ୍ରଜାତିର କୁକୁର। ମାଲିକ ମାକୋତୋ ମୁଆଗାଇ ତାକୁ ଏଭଳି ତାଲିମ ଦେଇଛନ୍ତି ଯେ, ସେ ପାଲଟିଛି ଏକ ସଚ୍ଚା ଖେଳାଳି। ପ୍ୟୁରିନ୍ ହୋଇଛି ଜଣେ ଦକ୍ଷ ଗୋଲ କିପର୍। ଗୋଲ କରିବା ନେଟ୍ ସାମ୍ନାରେ ସ୍ପୋର୍ଟସ୍ ଟି-ଶାର୍ଟ ଓ ଭେଷ୍ଟ ପିନ୍ଧି ପଛ ଦୁଇଗୋଡ଼ରେ ଠିଆହୋଇ ଆଗ ଦୁଇ ଗୋଡ଼ରେ ସେ ବଲ୍‌କୁ ଡିଫେଣ୍ଡ କରି କ୍ୟାଚ୍ କରେ। ସେ ୧ ମିନିଟ୍‌ରେ ୧୪ଟି ମିନି ବଲ୍ କ୍ୟାଚ୍ କରିପାରେ। ଏମିତିକି ତା'ର ମାଲିକ ଯେତୋଟି ବି ବଲ୍ ଫୋପାଡ଼ନ୍ତି ପ୍ରାୟ ସବୁ ବଲ୍‌କୁ କ୍ୟାଚ୍ କରିଦିଏ। ଫଳରେ ସେ ଗିନିଜ୍ ୱାର୍ଲଡ୍ ରେକର୍ଡସରେ ସ୍ଥାନ ପାଇଛି। ୨୦୧୫ରୁ ଦିନକୁ ମାତ୍ର ୧୫ ମିନିଟ ଅଭ୍ୟାସକରି ଆଜି ପ୍ୟୁରିନ୍ ଗୋଲ୍ ଡିଫେଣ୍ଡ କରିବାରେ ସିଦ୍ଧହସ୍ତ ହୋଇପାରିଛି। ଏହାଛଡ଼ା ପ୍ୟୁରିନ୍ ନାଁରେ ଆଉ ଏକ ରେକର୍ଡ ବି ଅଛି। ସେ ହେଉଛି ବଲ୍‌କୁ ବାଲାନ୍ସକରି ଧରି ସବୁଠୁ ଦ୍ରୁତବେଗରେ ୧୦ ମିଟର ଦୌଡ଼ି ସେ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଛି।

# କେକ୍‌ରେ ଜଳିଲା ୭୨,୫୮୫ କ୍ୟାଣ୍ଡେଲ

ଜନ୍ମଦିନରେ କେକ୍ କାଟିବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। ସୁନ୍ଦର କେକ୍ ଉପରେ ଜଳୁଥିବା କ୍ୟାଣ୍ଡେଲକୁ ଫୁଙ୍କି ସାଙ୍ଗସାଥୀଙ୍କ ହାପି ବର୍ଥଡେ ଟୁ ୟୁ..... ଗୀତ ଓ କରତାଳି ଭିତରେ କେକ୍ କାଟିବାରେ ଥାଏ ଏକ ନିଆରା ମଜା। ଜନ୍ମଦିନ କେକ୍ ଉପରେ ଚକ୍ ଚକ୍ ହୋଇ ଜଳୁଥିବା ସେହି କ୍ୟାଣ୍ଡେଲ କେକ୍‌କୁ ଆହୁରି ଆକର୍ଷକ କରିଥାଏ। ତେବେ ଧ୍ୟାନଗୁରୁ ଶ୍ରୀ ଚିନ୍ମୟଙ୍କ ୮୫ତମ ଜନ୍ମଦିବସରେ ନ୍ୟୁୟର୍କସ୍ଥିତ ଶ୍ରୀ ଚିନ୍ମୟ ସେଣ୍ଟରରେ ତିଆରି କରାଯାଇଥିଲା ଏକ ବିରାଟକାୟ ଆୟତାକାର କେକ୍, ଯାହାର ଲମ୍ବ ୮୦.୫ ଫୁଟ୍ ଥିବାବେଳେ ଓସାର ୨ ଫୁଟ୍ ଥିଲା। ଶ୍ରୀ ଚିନ୍ମୟ ସେଣ୍ଟରର ଅର୍ଣିତା ଫର୍ମନ ଓ ଅନ୍ୟ ସଦସ୍ୟ ମିଶି ପ୍ରାୟ ୧୦୦ଜଣ ବ୍ୟକ୍ତି ଉକ୍ତ କେକ୍ ତିଆରି କରିଥିଲେ। ଆଉ ତା' ଉପରେ ଲଗାଯାଇଥିଲା ୭୨, ୫୮୫ଟି କ୍ୟାଣ୍ଡେଲ। ସେହି କ୍ୟାଣ୍ଡେଲ ସବୁକୁ ୬୦ଟି ବ୍ଲୋ ଟର୍ଚ୍ଚ ସାହାଯ୍ୟରେ ଜଳାଯାଇଥିଲା। ଯେତେବେଳେ ସବୁ କ୍ୟାଣ୍ଡେଲ ଜଳିଲା, ଲାଗୁଥିଲା ସତେ ଯେମିତି କେକ୍‌ଟି ଜଳୁଛି। ୪୦ ସେକେଣ୍ଡ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଜଳିଥିଲା। ଆଉ ଜନ୍ମଦିନ କେକ୍‌ରେ ସର୍ବାଧିକ କ୍ୟାଣ୍ଡେଲ ଜଳିବାର ବିଶ୍ୱ ରେକର୍ଡ ହୋଇଥିଲା।